ଓଡ଼ିଶା ସରକାର

# ସ୍ୱରାଷ୍ଟ୍ର ବିଭାଗର ମୁଖ୍ୟ କାର୍ଯ୍ୟାବଳୀ

## 2007 — 2008

ସ୍ୱରାଷ୍ଟ୍ର ବିଭାଗ

# ସ୍ୱରାଷ୍ଟ୍ର ବିଭାଗର ମୁଖ୍ୟ କାର୍ଯ୍ୟାବଳୀ: 2007-2008

## ଉପକ୍ରମଣିକା:

ଗୃହ ବିଭାଗ ରାଜ୍ୟ ଶାସନରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ । ଏହା ଆରକ୍ଷୀ ଶାସନର ମୂଳାଧାର । ଏହି ବିଭାଗ ଆଇନ ଶୃଙ୍ଖଳା, ଅପରାଧ ପ୍ରତିରୋଧ ଓ ନିୟନ୍ତ୍ରଣ, ଦଣ୍ଡ ଅଭିଯୋଜନ, ଅଗ୍ନିଶମ ସେବା ଏବଂ କାରାଗାର ଇତ୍ୟାଦିର ନିୟନ୍ତ୍ରଣ କରିଥାଏ । ରାଜ୍ୟ ସଚିବାଳୟ ସେବା ଏହି ବିଭାଗ ଦ୍ୱାରା ପରିଚାଳିତ ହୋଇଥାଏ । ସଚିବାଳୟର ସହାୟକ, ଟାଇପିଷ୍ଟ, କ୍ଷିପ୍ରଲେଖକ, ବ୍ୟକ୍ତିଗତ ସହାୟକ ଓ ବ୍ୟକ୍ତିଗତ ସଚିବ ଓ ଓଡିଶା ସଚିବାଳୟ ସେବାର ସାଧାରଣ କ୍ୟାଡର ଏହି ବିଭାଗଦ୍ୱାରା ନିୟନ୍ତ୍ରିତ ହୁଏ । ଏହାଛଡା ବେସାମରିକ ପ୍ରତିରକ୍ଷା ଓ ଗୃହରକ୍ଷୀ ସଂସ୍ଥାଗୁଡିକୁ ଏହି ବିଭାଗ ଦେଖାଶୁଣା କରିଥାଏ । ସଂସଦୀୟ ଓ ରାଜ୍ୟ ବିଧାନସଭା ନିର୍ବାଚନ ଏହି ବିଭାଗ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥାଏ । ଏହା ସାମରିକ ସେବା ଓ ବେସାମରିକ ସହଯୋଗ ଏବଂ ସାମରିକ ପ୍ରକଳ୍ପ ପ୍ରତିଷ୍ଠାରେ ଯୋଗସୂତ୍ର ରଖିଥାଏ । ରାଜ୍ୟରେ ଅତିଥି ମାନଙ୍କୁ ସମୁଚିତ ମାନ୍ୟତା ପ୍ରଦାନ ସହ ଭୁବନେଶ୍ୱରସ୍ଥ ରାଜ୍ୟ ଅତିଥି ଭବନ, ନୂଆଦିଲ୍ଲୀସ୍ଥ ଓଡିଶା ଭବନ ଏବଂ ଓଡିଶା ନିବାସ ତଥା କୋଲକାତାର ଉତ୍କଳ ଭବନ ଏହି ବିଭାଗଦ୍ୱାରା ପରିଚାଳିତ ହୋଇଥାଏ ।

# ପ୍ରଥମ ଅଧ୍ୟାୟ

## 1. ଆଇନ ଶୃଙ୍ଖଳା ପରିସ୍ଥିତି :

ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତି 2007ରୁ 2008 ଜାନୁଆରୀ ପର୍ଯ୍ୟନ୍ତ ଶାନ୍ତିପୂର୍ଣ୍ଣ ରହିଥିଲା । 2007 ପ୍ରାରମ୍ଭରେ ତ୍ରିସ୍ତରୀୟ ଗ୍ରାମ ପଞ୍ଚାୟତ ନିର୍ବାଚନ ଅନୁଷ୍ଠିତ ହେବା ସକାଶେ ରାଜ୍ୟ ମଧ୍ୟରେ ରାଜନୈତିକ ନେତୃବୃନ୍ଦ ଓ କର୍ମୀବୃନ୍ଦ ବିଭିନ୍ନ ସ୍ଥାନରେ ସଭା ଅନୁଷ୍ଠିତ କରିବା ସହ ସେମାନଙ୍କ ନିଜ ନିଜ ଦଳପ୍ରତି ଜନସାଧାରଣଙ୍କ ସମର୍ଥନ ତଥା ସେମାନଙ୍କ ସମର୍ଥିତ ପ୍ରାର୍ଥୀମାନଙ୍କୁ ଭୋଟ ଦେବା ପାଇଁ ପ୍ରଚାର କରିଥିଲେ । ସରକାରଙ୍କର ବିରୋଧୀ ରାଜନୈତିକ ଦଳ ସରକାରଙ୍କୁ ସମାଲୋଚନା କରିଥିବା ସ୍ଥଳେ ଶାସକ ଦଳ ସରକାରଙ୍କ ସଫଳତା ଗୁଡିକୁ ଦୃଷ୍ଟି ଆକର୍ଷଣ କରାଇଥିଲେ । ପାଞ୍ଚଟି ପର୍ଯ୍ୟାୟ ଯଥା 13/15/17/21-07 ରେ କୌଣସି ଅଘଟଣ ନ ଘଟି ନିର୍ବାଚନ ଅନୁଷ୍ଠିତ ହୋଇଥିଲା । ଯଦିଓ ଭୋଟ ଗ୍ରହଣ ଶାନ୍ତିପୂର୍ଣ୍ଣ ଥିଲା ତଥାପି ଅଳ୍ପ କେତେକ ସ୍ଥାନରେ ଭୋଟ କାଗଜ ଛଡାଇ ନେବା ଦୃଷ୍ଟାନ୍ତ ଥିଲା । ମାତ୍ର ଏଥି ମଧ୍ୟରେ ନିର୍ବାଚନ ନିରପେକ୍ଷ ଭାବରେ କରାଯାଇଥିଲା ଓ ଦୋଷୀମାନଙ୍କ ବିରୋଧରେ ଆଇନତଃ କାର୍ଯ୍ୟାନୁଷ୍ଠାନ ପାଇଁ ସୁପାରିଶ କରାଯାଇଥିଲା ।

ରାଜ୍ୟ ସରକାର ରାଜ୍ୟର ପ୍ରଗତିରେ ଏକ ବଡ ଧରଣର ପରିବର୍ତ୍ତନ ଆଣିବା ନିମନ୍ତେ ଏକ ଦ୍ରୁତ ଶିଳ୍ପାୟନ ନୀତି ଗ୍ରହଣ କରିଛନ୍ତି । କିନ୍ତୁ କେତେକ ଜଟିଳ ସମସ୍ୟା ଯଥା-ଆଦିବାସୀଙ୍କ ଅଧିକାର ସୁରକ୍ଷା, ଜମି ଅଧିଗ୍ରହଣ, ପୁନଃ ଥଇଥାନ ଓ ପରିବେଶ ସୁରକ୍ଷା ସହ ସ୍ଥାନୀୟ ନିଯୁକ୍ତିକୁ ନେଇ ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହୋଇଥିଲା । ସମସ୍ତ ଆନ୍ଦୋଳନକୁ ଧୈର୍ଯ୍ୟ ଓ ସହନଶୀଳତା ସହ କୌଣସି ବଳ ପ୍ରୟୋଗ ବିନା ଆୟତ୍ତ କରାଯାଇଥିଲା । କ୍ରମାଗତ ଆଲୋଚନା ଦ୍ୱାରା ଯାଜପୁର ଆମ୍ବାଗାଡିଆଠାରେ ଏନ୍.ଏଚ୍.- 209 ରେ ଗୁଳି ଚାଳନା ପ୍ରତିବାଦରେ ଦୀର୍ଘଦିନ ଧରି ଚାଲିଥିବା ରାସ୍ତାରୋକୋ ଆନ୍ଦୋଳନ ତା.09.03.2007 ରିଖରେ ପ୍ରତ୍ୟାହୃତ ହୋଇଥିଲା । ଏହାଛଡା କେତେଗୁଡିଏ ଘରୋଇ କମ୍ପାନୀ ଓ ପୋସ୍କୋ ସହ ଧାତବ ଶିଳ୍ପ ବିଶେଷ କରି ପାଇପ ନିର୍ମାଣ ନିମନ୍ତେ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା । କୋରିଆ ଗଣତନ୍ତ୍ରର ପୋସ୍କୋ କମ୍ପାନୀ ସହ ତା.22.04.2006 ରିଖରେ ଚୁକ୍ତି ସ୍ୱାକ୍ଷରିତ ହେଲାପରେ କେତେକ ଅନୁଷ୍ଠାନ ଏହା ବିରୁଦ୍ଧରେ ସ୍ୱର ଉତ୍ତୋଳନ କରୁଛନ୍ତି । ପୋସ୍କୋ ପ୍ରତିରୋଧ ସଂଗ୍ରାମ ସିମିତି, ନବ ନିର୍ମାଣ ସମିତି ଏବଂ ରାଷ୍ଟ୍ରୀୟ ଯୁବ ସଂଗଠନ ଏହି ଆନ୍ଦୋଳନରେ ମୁଖ୍ୟ ଭୂମିକା ଗ୍ରହଣ କରିଛନ୍ତି । ଆନ୍ଦୋଳନକାରୀମାନେ କେତେକ

ବେସରକାରୀ ସଂସ୍ଥା ଓ ବିରୋଧୀଦଳ ଦ୍ୱାରା ପରିଚାଳିତ ହେଉଛନ୍ତି । ମାତ୍ର ଏହି ଆନ୍ଦୋଳନକୁ ଧୈର୍ଯ୍ୟ ସହକାରେ କୌଣସି ଅଘଟଣ ନ ଘଟାଇ ନିୟନ୍ତ୍ରଣ କରାଯାଇଛି । ଏହାଛଡା ସରକାର ଏକ ବ୍ୟାପକ ପୁନର୍ବାସ ନୀତି ପ୍ରଣୟନ କରି ଶିଳ୍ପାୟନକୁ ଚାଲୁ ରଖିବାକୁ ବଦ୍ଧ ପରିକର ହୋଇଛନ୍ତି ।

ବିରୋଧୀ ଦଳ ଯଥା କଂଗ୍ରେସ, ଓ.ଜି.ପି, ବାମଦଳ ଏବଂ କେତେକ କ୍ଷୁଦ୍ର ଦଳ ପ୍ରତିବାଦ ପ୍ରଦର୍ଶନ କରିବା, ଧାରଣା, ରେଳରୋକୋ, ରାସ୍ତାରୋକୋ ଓ ବନ୍ଦ ପାଳନ ନୀତିକୁ ଆଶ୍ରୟ କରିଛନ୍ତି । ମାତ୍ର ଏସବୁକୁ ରାଜ୍ୟ ସରକାର ଯତ୍ନ ସହକାରେ ନିୟନ୍ତ୍ରଣ କରିଛନ୍ତି ।

ସାମ୍ପ୍ରଦାୟିକ ସଦ୍‌ଭାବ ରାଜ୍ୟରେ ସ୍ଥିତାବସ୍ଥା ବଜାୟ ରଖିଛି । ବଡବଡ ଯାତ୍ରା ଓ ପର୍ବପର୍ବାଣି ଭିନ୍ନ ଭିନ୍ନ ସମ୍ପ୍ରଦାୟ ଦ୍ୱାରା ଆଡମ୍ବରପୂର୍ଣ୍ଣ ଧାର୍ମିକ ପରମ୍ପରା ସହକାରେ ପାଳନ କରାଯାଇଛି । ପୋଲିସର ସତର୍କତା ଓ ଦ୍ରୁତ ପଦକ୍ଷେପ ଯୋଗୁଁ ଏହା ସମ୍ଭବ ହୋଇଛି । କେତେକ ଅତି ନଗଣ୍ୟ ଓ ଛୋଟ ଛୋଟ ଘଟଣା ଯଥା - ଧର୍ମ ସଂଗଠନର ଯୁବକମାନଙ୍କ ମଧ୍ୟରେ ତିକ୍ତଭାବ, ଧର୍ମାନ୍ତର, ପୁନଃଧର୍ମାନ୍ତର, ଗୋହତ୍ୟା ଓ ଗୋରୁଚାଲାଣ, ଅପହରଣ ଗୁଡିକୁ ମୁକାବିଲା କରାଯାଇଛି ।

ବିଶ୍ୱହିନ୍ଦୁ ପରିଷଦଦ୍ୱାରା ରାମସେତୁଶିଳାଯାତ୍ରା ବିଭିନ୍ନ ସ୍ଥାନରେ ତା.20.11.2007 ରୁ 20.12.2007 ରିଖ ପର୍ଯ୍ୟନ୍ତ ଚାଲିଥିଲା । ତାହା ଶାନ୍ତିପୂର୍ଣ୍ଣ ଥିଲା ମାତ୍ର ତା.16.12.2007 ରିଖରେ କେନ୍ଦ୍ରାପଡାଠାରେ ସ୍ଥାନୀୟ ମୁସଲମାନ ଗୋଷ୍ଠୀସହ ସାମାନ୍ୟ କଳହ ହୋଇଥିଲା ।

କନ୍ଧମାଳରେ ଜାତିଗତ ସାମ୍ପ୍ରଦାୟିକ ଉତ୍ତେଜନା ଦୃଷ୍ଟହୋଇଥିଲା । ୨୦୦୭ ମସିହା ଡିସେମ୍ବର ଶେଷ ସପ୍ତାହରେ ଏହି ଉତ୍ତେଜନା ଚାରିଦିନ ଭିତରେ ରୋକାଯାଇପାରିଥିଲା । ଏହା ଦ୍ରୁତ ପଦକ୍ଷେପ ଓ ପୋଲିସ ମୁତୟନ ଦ୍ୱାରା ସମ୍ଭବ ହୋଇଥିଲା । ଏଥିରେ କେତେକ ବ୍ୟକ୍ତି ମୃତାହତ ହୋଇଥିଲେ । ରାଜ୍ୟରେ ବଡ ଧରଣର ଛାତ୍ର ଅଶାନ୍ତି ହୋଇନାହିଁ । ଛାତ୍ର ଇଉନିୟନ ନିର୍ବାଚନ ବିନା ହିଂସାରେ ତା.15.10.07ରିଖରେ ଅନୁଷ୍ଠିତ ହୋଇଥିଲା ।

ଶିଳ୍ପାନୁଷ୍ଠାନରେ କୌଣସି ବଡଧରଣର ଆନ୍ଦୋଳନ ହୋଇନାହିଁ । କେତେକ ଛୋଟ ଛୋଟ ଶିଳ୍ପ ସଂସ୍ଥାରେ କର୍ମଚାରୀ ସମୂହ ସେମାନଙ୍କର ଛଟେଇ କର୍ମଚାରୀଙ୍କ ନିଯୁକ୍ତି, କଣ୍ଟ୍ରାକ୍ଟ ଚାକିରୀର ସ୍ଥାୟୀକରଣ, ବକେୟା ପାଉଣା, ଦରମାରେ ଅସମାନତା ଓ ବୋନସ ଆକ୍ଟ ସଂଶୋଧନ ଆଦି ଦାବି ଉପସ୍ଥାପିତ କରିଥିଲେ । ଶିକ୍ଷକ, ସଚିବାଳୟ କର୍ମଚାରୀ ସଙ୍ଗଠନ ଓ ଅନ୍ୟ କେତେକ ସଙ୍ଗଠନ ଶିକ୍ଷାନୁଷ୍ଠାନକୁ

ଗ୍ରାଣ୍ଟ-ଇନ୍-ଏଡ୍ ଏବଂ ପାଠ୍ୟ ସମ୍ବନ୍ଧୀୟ ଦାବି, ଅବସର ସମୟ 58 ରୁ 60 ବୟସକୁ ବୃଦ୍ଧି, ମହଙ୍ଗାଭତ୍ତାର ପଚାଶ ଭାଗ ମୂଳଦରମାରେ ମିଶ୍ରଣ ଯାହାକି ତା.01.04.2008 ରିଖ ପରିବର୍ତ୍ତେ ତା.01.04.2004 ରିଖରୁ ଲାଗୁହେବା, ସରେଣ୍ଡର ଲିଭ୍ ପୁନଃପ୍ରବର୍ତ୍ତନ ନିମିତ୍ତ ଆନ୍ଦୋଳନ କରିଥିଲେ । କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇ ନ ଥିଲା ।

ଶିଳ୍ପ, କୃଷି ଓ ଶ୍ରମିକ ଅଶାନ୍ତି କାଁ ଭାଁ ଦେଖାଯାଇଥିଲେ ହେଁ ସେସବୁ ସମୟୋଚିତ ପଦକ୍ଷେପଦ୍ୱାରା ସମାଧାନ ହୋଇଥିଲା ।

ଜିଲ୍ଲା କଂଗ୍ରେସ କମିଟି କେଉଁଝରଠାରେ ଏକ ମହାସମାବେଶ(10000) ଅନୁଷ୍ଠିତ କରିଥିଲା । ଏଥିରେ ରାଜ୍ୟ ସ୍ତରୀୟ ନେତା ଶ୍ରୀଯୁକ୍ତ ଜାନକୀ ବଲ୍ଲଭ ପଟ୍ଟନାୟକ(ପୂର୍ବତନ ମୁଖ୍ୟମନ୍ତ୍ରୀ), ରାଜ୍ୟ କଂଗ୍ରେସ ସଭାପତି ଜୟଦେବ ଜେନା ରାଲିକୁ ସମ୍ବୋଧନ କରି ଦଳକୁ ମୂଳସ୍ତରରୁ ସୁଦୃଢ଼ କରିବାକୁ ଆହ୍ୱାନ ଦେଇଥିଲେ ।

ବହୁଜନ ପାର୍ଟି ଏକ ରାଜ୍ୟସ୍ତରୀୟ ସମାବେଶ (12000) ତା.20.01.2008 ରିଖରେ ଭୁବନେଶ୍ୱରଠାରେ କରିଥିଲା । ଏଥିରେ ସୁଶ୍ରୀ ମାୟାବତୀ (ସର୍ବ ଭାରତୀୟ ସଭାପତି ତଥା ମୁଖ୍ୟମନ୍ତ୍ରୀ, ଉତ୍ତର ପ୍ରଦେଶ ), ଭଜମନ ବେହେରା (ପୂର୍ବତନ କେନ୍ଦ୍ରମନ୍ତ୍ରୀ) ଓ ଅନ୍ୟମାନେ ଭାଷଣ ଦେଇଥିଲେ । ମାୟାବତୀ ବିଜେପି ଓ କଂଗ୍ରେସକୁ ନକ୍ସଲ ଓ ଆତଙ୍କବାଦ ନିମନ୍ତେ ଦୋଷାରୋପ କରିଥିଲେ । ଏହା ଶୃଙ୍ଖଳିତ ଭାବରେ ପୋଲିସ ଦ୍ୱାରା ନିୟନ୍ତ୍ରିତ ହୋଇଥିଲା ।

### 1.1 ବାମଦଳ ଚରମପନ୍ଥୀଙ୍କ କାର୍ଯ୍ୟକଳାପ:

2007 ରେ ନକ୍ସଲ କାର୍ଯ୍ୟକଳାପ ଓ ହିଂସା ଅନ୍ୟ ପଡୋଶୀ ରାଜ୍ୟମାନଙ୍କ ତୁଳନାରେ ଯଥେଷ୍ଟ କମ୍ ଥିଲା । ରାଜ୍ୟରେ 49 ଟି ଘଟଣାରେ 14 ମୃତ୍ୟୁ (12 ସାଧାରଣ ଓ 2 ସୁରକ୍ଷା କର୍ମୀ) ହୋଇଥିବାସ୍ଥଳେ ଛତିଶଗଡରେ 467 ଘଟଣାରେ 295 ଜଣଙ୍କ ମୃତ୍ୟୁ (150 ସାଧାରଣ ଓ 145 ସୁରକ୍ଷା କର୍ମୀ), ଝାଡଖଣ୍ଡରେ 345 ଘଟଣାରେ 104 ମୃତ୍ୟୁ (96 ସାଧାରଣ ଓ 8 ସୁରକ୍ଷା କର୍ମୀ) ଆନ୍ଧ୍ରରେ 100 ଘଟଣାରେ 31 ଜଣଙ୍କ ମୃତ୍ୟୁ (28 ସାଧାରଣ ଓ 2 ସୁରକ୍ଷା କର୍ମୀ) ଓ ବିହାରରେ 102 ଘଟଣାରେ 49 ଜଣଙ୍କ ମୃତ୍ୟୁ, (30 ସାଧାରଣ ଓ 19 ସୁରକ୍ଷା କର୍ମୀ) ଘଟିଛି ।

ବର୍ଷକ ମଧ୍ୟରେ 114 ମାଓବାଦୀ ଗିରଫ ହୋଇଛନ୍ତି । ସୁରକ୍ଷା ବଳ 29 ଟି ବନ୍ଧୁକ ଓ 35 ଟି ଆଇ.ଇ.ଡି ଉଦ୍ଧାର କରିଛନ୍ତି । ସୁରକ୍ଷା ବଳଙ୍କର 17 ଟି ଆକ୍ରମଣରେ ଛଜଣ ନକ୍ସଲ ମୃତ୍ୟୁବରଣ କରିଛନ୍ତି । ନକ୍ସଲଙ୍କଦ୍ୱାରା ନିର୍ମିତ 2 ଟି ଅସ୍ତ୍ର ନିର୍ମାଣ କାରଖାନା ସହ କେତେକ କ୍ୟାମ୍ପ ଧ୍ୱଂସ କରାଯାଇଛି । ସେମାନଙ୍କ ଧମକ ସତ୍ତ୍ୱେ ପଞ୍ଚାୟତ ନିର୍ବାଚନ ନକ୍ସଲପ୍ରବଣ ଜିଲ୍ଲାରେ ସୁଚାରୁ ରୂପେ କରାଯାଇପାରିଛି ।

**1.2 ଶ୍ରମିକ ଆନ୍ଦୋଳନ :**

2007 ରେ ରାଜ୍ୟରେ ଶ୍ରମିକ ଅଶାନ୍ତି ହୋଇନାହିଁ । କେତେକ ଛୋଟ ଶିଳ୍ପ ସଂସ୍ଥାର ଶ୍ରମିକ ଧାରଣା, ରାସ୍ତାରୋକୋ, ପ୍ରତିବାଦ ସଭା ଓ ଶୋଭାଯାତ୍ରା ଜରିଆରେ ସେମାନଙ୍କ ଦାବି ଉପସ୍ଥାପିତ କରିଥିଲେ । ଏହି ଦାବିରେ ଛଟେଇ ଶ୍ରମିକ ନିଯୁକ୍ତି, ସମାନ କାମକୁ ସମାନ ଦରମା, କଣ୍ଟ୍ରାକ୍ଟ ଚାକିରି ସର୍ତ୍ତାବଳୀ ଓ ବକେୟା ଦରମା ଦର୍ଶାଯାଇଥିଲା ।

ଓଷ୍ଟା ଓ ବ୍ଲକ ଗ୍ରାଣ୍ଟ ମାଧ୍ୟମିକ ବିଦ୍ୟାଳୟ ଶିକ୍ଷକ ସଂଘ ରାଜ୍ୟସାରା ତା.01.11.2007 ରିଖରୁ ତା.04.11.2007 ରିଖ ପର୍ଯ୍ୟନ୍ତ କାର୍ଯ୍ୟବନ୍ଦ ଡାକରା ଦେଇଥିଲେ । ନୟାଗଡ, ବଲାଙ୍ଗୀର, ବରଗଡ, ଭଦ୍ରକ, କଳାହାଣ୍ଡି ଓ ଯାଜପୁରରେ ଜିଲ୍ଲାପାଳଙ୍କୁ ସେମାନଙ୍କର ଦାବି ପ୍ରଦାନ କରିଥିଲେ । ତା.17.11.2007 ରିଖରେ ଜବରଦସ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ମଧ୍ୟରେ ପ୍ରବେଶ ନିମନ୍ତେ ଚେଷ୍ଟା କରିଥିଲେ । ନୟାଗଡ ପୋଲିସ ଲୁହବୁହା ଗ୍ୟାସ ପ୍ରୟୋଗ କରି ଆନ୍ଦୋଳନକାରୀଙ୍କୁ ଘଉଡାଇ ଦେଇଥିଲା । ଏମାନଙ୍କ ମଧ୍ୟରୁ କେତେକ ସାଧାରଣଭାବରେ ଆଘାତ ପ୍ରାପ୍ତ ହୋଇଥିଲେ । ତା.19/20.11.2007ରିଖରେ ରାସ୍ତାରୋକୋ ସମୟରେ ପୋଲିସ ବିଶୃଙ୍ଖଳିତ ଆନ୍ଦୋଳନକାରୀଙ୍କୁ ସିଆର୍.ପି.ସି. ର ଧାରା 151 ଅନୁସାରେ ଗିରଫ କରିଥିଲା । ତା 20.11.2007 ରିଖରେ ରାଜ୍ୟ ବିଧାନସଭା ସମ୍ମୁଖରେ ଏକ ଶୋଭାଯାତ୍ରା (100) ଶିକ୍ଷକମାନେ କରିଥିଲେ ଓ ତା.20.11.2007 ରିଖରୁ ତା.04.12.2007ରିଖ ପର୍ଯ୍ୟନ୍ତ ଧାରଣା ଚାଲୁ ରଖିଥିଲେ । ତା.03.12.2007 ରିଖରେ ଏକ ବିଶାଳ ସମାବେଶ ହୋଇଥିଲା । ତା.04.12.2007 ରିଖରେ ଅର୍ଥମନ୍ତ୍ରୀଙ୍କଠାରୁ ପ୍ରତିଶ୍ରୁତି ପ୍ରାପ୍ତିପରେ ସେମାନେ ତା.06.12.2007 ରିଖରେ କାର୍ଯ୍ୟରେ ଯୋଗଦାନ କରିଥିଲେ ।

ରାଜ୍ୟ ସଭାପତି ରାକେଶ ମହାନ୍ତିଙ୍କ ନେତୃତ୍ୱରେ ତା.26.11.2007 ରିଖରେ ଶିକ୍ଷା ସହାୟକ ସଙ୍ଗଠନ (10000) ସେମାନଙ୍କୁ ସ୍ଥାୟୀ ଶିକ୍ଷକ କରିବା ନିମନ୍ତେ ବିଶାଳ ଶୋଭାଯାତ୍ରା କରିଥିଲେ । ମୁଖ୍ୟମନ୍ତ୍ରୀଙ୍କ ପ୍ରତିଶ୍ରୁତି ପରେ ସେମାନେ ତା.29.11.2007 ରିଖରୁ ଧାରଣା ପ୍ରତ୍ୟାହାର କରିଥିଲେ ।

**1.3 ଶିଳ୍ପ ସମ୍ବନ୍ଧୀୟ :**

ରାଜ୍ୟରେ ଦ୍ରୁତ ଶିଳ୍ପାୟନ ନିମନ୍ତେ ସରକାର କେତେକ ଘରୋଇ କମ୍ପାନୀସହ ଚୁକ୍ତି ସ୍ୱାକ୍ଷରିତ କରିଛନ୍ତି । ଫଳରେ ଅନେକ ଶିଳ୍ପସଂସ୍ଥା ଯାଜପୁରର କଳିଙ୍ଗ ନଗର, ଜଗତସିଂହପୁରର ପାରାଦ୍ୱୀପ, ଅନୁଗୁଳ ଓ ଢେଙ୍କାନାଳ ଜିଲ୍ଲାର

କେତେକ ଅଞ୍ଚଳ, କଳାହାଣ୍ଡିର ଲାଞ୍ଜିଗଡ଼, ରାୟଗଡ଼ାର କାଶୀପୁର, ସମ୍ବଲପୁର ଓ ଝାରସୁଗୁଡ଼ା ଜିଲ୍ଲାରେ ଗତି ଉଠୁଛି ।

ଶିଳ୍ପାୟନ ବିରୋଧୀ ଓ ଭୂମିଚ୍ୟୁତ ଜନସାଧାରଣଙ୍କ ଦ୍ୱାରା ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହୋଇଛି । 2007 ବର୍ଷରେ ନିୟମିତ ଆନ୍ଦୋଳନ ଚାଲୁରହିଥିଲା । ସେମାନଙ୍କ ଦାବିରେ ନିଯୁକ୍ତି, ଉପଯୁକ୍ତ କ୍ଷତିପୂରଣ, ପୁନଃ ଥଇଥାନ, ବାସଚ୍ୟୁତଙ୍କ ପୁନର୍ବସତି ତଥା ପରିବେଶ ସୁରକ୍ଷାଦି ରହିଥିଲା । ସରକାର ଏଗୁଡିକୁ ବିଚାର କରି ନ୍ୟାଯ୍ୟ ଦାବିଗୁଡିକୁ ଗ୍ରହଣ କରିବାକୁ ପ୍ରତିଶ୍ରୁତିବଦ୍ଧ ଅଟନ୍ତି । ସ୍ଥାନୀୟ ଆଦିବାସୀଙ୍କୁ ସେମାନଙ୍କର ଉପଯୁକ୍ତ ପ୍ରାପ୍ୟ ପ୍ରଦାନ ସହିତ ପୁନଃ ଥଇଥାନ କରାଯାଉଛି ।

ରାଜ୍ୟ ସ୍ପେଶାଲ ବ୍ରାଞ୍ଚ ଆଇନ ଶୃଙ୍ଖଳା ସମ୍ବନ୍ଧରେ ସମ୍ଭାବ୍ୟ ଗଣ୍ଡଗୋଳ ଅନୁଧ୍ୟାନ କରି ସମ୍ପୃକ୍ତ ଜିଲ୍ଲା ଏସ୍.ପି.ମାନଙ୍କୁ ଜଣାଇଛନ୍ତି । ଏହାସହ ସମ୍ପୃକ୍ତ ଜିଲ୍ଲା ଏସ୍.ପି. ଯଥା ସମୟରେ ସମୁଚିତ ପଦକ୍ଷେପ ନେଇଛନ୍ତି । ଫଳରେ 2007 ରେ ବହୁ ଧନ ଜୀବନ ରକ୍ଷା ହୋଇପାରିଛି ।

**1.4 ଛାତ୍ର ଅଶାନ୍ତି :**

2007 ରେ ରାଜ୍ୟରେ ଛାତ୍ର ଅଶାନ୍ତି ହୋଇନାହିଁ । ତା. 15.10.2007 ରିଖରେ ବିଭିନ୍ନ କଲେଜରେ କୌଣସି ଅଘଟଣବିନା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି । ବି.ପି.ୟୁ.ଟି. ରେ ଚାଲିଥିବା ଇୟର୍‌ବ୍ୟାକ୍ ନୀତିର ଉଚ୍ଛେଦ ପାଇଁ ସେପ୍ଟେମ୍ବର, 2007 ରେ କରିଥିବା ଦାବି ନିମନ୍ତେ ଶ୍ରେଣୀ ବର୍ଜନ କରିଥିଲେ । ତା. 07.09.2007 ରିଖ ଦିନ ଇଞ୍ଜିନିୟରିଂ ଛାତ୍ରମାନେ (2400 ଛାତ୍ର, 100 ଛାତ୍ରୀ) ଏକ ଶୋଭାଯାତ୍ରା ଭୁବନେଶ୍ୱର ପି.ଏମ୍.ଜି. ଛକଠାରେ କରିଥିଲେ । ଟେକା ପଥର ଫିଙ୍ଗାରେ କେତେକ ପୋଲିସ ଆହତ ହେବା ସହ କେତେକ ଯାନର କ୍ଷତି ଘଟିଥିଲା । ପୁନର୍ବାର ତା.08.09.2007 ରିଖ ଦିନ ଅଲ୍ ଓଡିଶା ପ୍ରଫେସନାଲ ଷ୍ଟୁଡେଣ୍ଟସ୍ ଆସୋସିଏସନ ଦ୍ୱାରା ପି.ଏମ୍.ଜି. ଛକରେ ଧାରଣା ଦିଆଯିବା ସହ ସେମାନଙ୍କର ଦାବି ସମ୍ପର୍କରେ ବି.ପି.ୟୁ.ଟି. ଉପକୁଳପତିଙ୍କ ସହ ଆଲୋଚନା ହୋଇଥିଲା । ସେମାନଙ୍କର ଆଲୋଚନା ବିଫଳ ହେବାରୁ ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହୋଇଥିଲା । ଛାତ୍ରମାନେ ମାଷ୍ଟରକ୍ୟାଣ୍ଟିନଠାରେ ଲୁହା ବାଡକୁ ଭାଙ୍ଗିବା ସହ ପଥର ମାଡକରି ବହୁ କାର, ମଟର ସାଇକେଲ, ବିଭିନ୍ନ ଦୋକାନର ସୋକେଶ୍ ଭାଙ୍ଗି ପକାଇଥିଲେ । ପୋଲିସ କେତେକ ଆନ୍ଦୋଳନକାରୀଙ୍କୁ ଘେରାଉ କରିଥିଲେ । ଏହି ଛାତ୍ରମାନେ ପୁନର୍ବାର ତା.24.09.2007 ରିଖରେ ଭୁବନେଶ୍ୱର ହାଇଟେକ୍ ଛକ ପାଞ୍ଚନମ୍ବର ଜାତୀୟ ରାଜପଥରେ ରାସ୍ତାରୋକୋ କରି ଧାରଣା ଦେଇଥିଲେ । ଏହା ତା.29.09.2007 ରିଖରେ ମଧ୍ୟ ହୋଇଥିଲା । ଏହାଛଡା

ତା.27.09.2007 ରିଖରେ ସେମାନେ ପି.ଏମ୍.ଜି. ଛକରେ ଧାରଣା ଦେଇଥିଲେ । ତା.26.09.2007 ରିଖ ଓ ତା.27.09.2007 ରିଖରେ ପୋଲିସ କେତେକ ଆନ୍ଦୋଳନକାରୀଙ୍କୁ ଗିରଫ କରିଥିଲେ ଓ ପି.ଆର୍. ବଣ୍ଡରେ ଛାଡି ଦେଇଥିଲେ ।

## 1.5 ଅପରାଧ ପରିସ୍ଥିତି :

2007 ମସିହାରେ ମୋଟ ପଞ୍ଜିକୃତ ହୋଇଥିବା 67034 ଟି ଧର୍ତ୍ତବ୍ୟ ଅପରାଧ ମାମଲା ମଧ୍ୟରୁ ବିହାର-ଓଡିଶା ଅବକାରୀ ଆଇନ୍ ଅନ୍ତର୍ଗତ ଅପରାଧ ମାମଲା ସଂଖ୍ୟା 7733 ଥିଲା । 2006 ମସିହାରେ ମୋଟ 65,552 ଟି ପଞ୍ଜିକୃତ ହୋଇଥିବା ଅପରାଧ ମାମଲା ମଧ୍ୟରୁ ଅବକାରୀ ଆଇନ୍ ଅନ୍ତର୍ଗତ ମାମଲା ସଂଖ୍ୟା 9244 ଥିଲା । ଜନସଂଖ୍ୟା ବୃଦ୍ଧି, ବ୍ୟକ୍ତିଗତ ଆକ୍ରୋଶ, ସମଷ୍ଟିଗତ ବିବାଦ, ଯାନବାହନ ବୃଦ୍ଧି ଜନିତ ରାସ୍ତା ଦୁର୍ଘଟଣା ଆଦି କାରଣରୁ ସମୁଦାୟ ପଞ୍ଜିକୃତ ଅପରାଧ ସଂଖ୍ୟା ପୂର୍ବବର୍ଷ ତୁଳନାରେ ଶତକାଡା 2.2 ଭାଗ ବୃଦ୍ଧି ପାଇଛି ।

ତେବେ ଡକାୟତି, ସିନ୍ଧିଚୋରି, ପ୍ରତାରଣା (ଠକେଇ) ଓ ଧର୍ଷଣ ଜନିତ ଅପରାଧ ସଂଖ୍ୟା ପୂର୍ବବର୍ଷ ଘଟିଥିବା ଅପରାଧ ସଂଖ୍ୟା ତୁଳନାରେ ହ୍ରାସ ପାଇଛି । ଏହାର ଏକ ତୁଳନାତ୍ମକ ବିବରଣୀ ନିମ୍ନୋକ୍ତ ସାରଣୀରେ ପ୍ରଦତ୍ତ ହୋଇଛି ।

### ତୁଳନାତ୍ମକ ଅପରାଧ ବିବରଣୀ :

| କ୍ରମିକ ସଂଖ୍ୟା | ଅପରାଧ ଶୀର୍ଷ | ରିପୋର୍ଟ ହୋଇଥିବା ଅପରାଧ | | | ତୁଳନାତ୍ମକ ବୃଦ୍ଧି / ହ୍ରାସ ଶତକଡା ହିସାବରେ | | ଅଭିଯୋଗ ଫର୍ଦ୍ଦ ଦାଖଲ | ଅଭିଯୋଗ ଫର୍ଦ୍ଦ ପ୍ରସ୍ତୁତି ହେଲାଭଳି ମାମଲା | 2007 ମସିହାରେ ସଂଧାନର ଶତକଡା ହାର |
|---|---|---|---|---|---|---|---|---|---|
| | | 2007 | 2006 | 2005 | 2006 | 2005 | | | |
| (1) | (2) | (3) | (4) | (5) | (6) | (7) | (8) | (9) | (10) |
| 1. | ମୋଟ ଧର୍ତ୍ତବ୍ୟ ଅପରାଧ | 67,034 | 65,552 | 65,029 | +2.2 | +3.0 | 40,846 | 14,064 | 84.0 |
| 2. | ହତ୍ୟା | 1,210 | 1,159 | 1,079 | +4.4 | +12.1 | 579 | 418 | 84.2 |
| 3. | ଡକାୟତି | 289 | 315 | 234 | -8.2 | +23.5 | 120 | 81 | 70.5 |
| 4. | ଲୁଣ୍ଠନ | 1273 | 1,184 | 998 | +7.5 | +27.5 | 563 | 219 | 63.2 |
| 5. | ସିନ୍ଧିଚୋରି | 3,073 | 3,120 | 3,029 | -1.5 | +1.4 | 910 | 231 | 37.7 |
| 6. | ଚୋରି | 6,830 | 6,567 | 6,743 | +4.0 | +1.2 | 2,749 | 743 | 52.0 |
| 7. | ପ୍ରତାରଣା | 1,263 | 1,364 | 1,040 | -7.4 | +21.4 | 365 | 359 | 62.4 |
| 8. | ଦଙ୍ଗା | 1,983 | 1,535 | 1,515 | +29.1 | +30.8 | 818 | 845 | 85.7 |
| 9. | ଧର୍ଷଣ | 939 | 985 | 799 | -4.6 | +17.5 | 472 | 369 | 91.1 |
| 10. | ମୋଟରଯାନ ଦୁର୍ଘଟଣା | 8,214 | 7,729 | 7,593 | +6.2 | +8.1 | 5,318 | 1,990 | 89.3 |

## 1.6 ରାଜ୍ୟ ପୋଲିସ ବାହିନୀ ଆଧୁନିକୀକରଣ -2007-08 :

2007-08 ଆର୍ଥିକ ବର୍ଷରେ ପୋଲିସ ଆଧୁନିକୀକରଣ ନିମନ୍ତେ ବାର୍ଷିକ କ୍ରିୟାନୁଷ୍ଠାନ ଯୋଜନା 35.37 କୋଟି ଟଙ୍କାରେ ସ୍ଥିରୀକୃତ ହୋଇଛି । ଏହି ଯୋଜନାର କେନ୍ଦ୍ରୀୟ ସହାୟତା 26.53 କୋଟି ଟଙ୍କାରୁ କେନ୍ଦ୍ର ସରକାର (ତାଙ୍କ ତା. 06.11.2007 ରିଖ ପତ୍ର)ରେ ଅଦ୍ୟାବଧି 2439.86 ଲକ୍ଷ ଟଙ୍କା ଯୋଗାଇ ଦେଇଛନ୍ତି । ରାଜ୍ୟ ସରକାର ମଧ୍ୟ 75:25 ଅନୁପାତରେ ତାଙ୍କ ଅଂଶ ଧନ ବାବଦ 8.84 କୋଟି ଟଙ୍କା ଯୋଗାଇ ଦେଇଛନ୍ତି । 35.37 କୋଟି ଟଙ୍କାର ଏହି କ୍ରିୟାନୁଷ୍ଠାନ ଯୋଜନା ନିମ୍ନୋକ୍ତ ଉପାଦାନକୁ ନେଇ ପ୍ରସ୍ତୁତ କରାଯାଇଅଛି ।

| କ୍ରମିକ ସଂଖ୍ୟା | ଉପାଦାନ | କେନ୍ଦ୍ରୀୟ ସହାୟତା | ରାଜ୍ୟ ଅଂଶଧନ | ମୋଟ |
|---|---|---|---|---|
| 1. | ଅସ୍ତ୍ରଶସ୍ତ୍ର | 1,50,13,846/- | 19,00,000/- | 1,69,13,846/- |
| 2. | ଆରକ୍ଷୀ ସରଞ୍ଜାମ | 2,63,91,170/- | 2,16,26,000/- | 4,80,17,170/- |
| 3. | ଟ୍ରାଫିକ ନିୟନ୍ତ୍ରଣ ସାମଗ୍ରୀ | --- | 5,20,000/- | 5,20,000/- |
| 4. | ଗମନାଗମନ | 2,69,35,550/- | 4,00,64,450/- | 6,70,00,000/- |
| 5. | ନିରାପତ୍ତା ଗୁଇନ୍ଦାଶାଖା ଉପକରଣ | 56,50,654/- | 1,75,10,000/- | 2,31,60,654/- |
| 6. | ପ୍ରଶିକ୍ଷଣ ସାମଗ୍ରୀ | --- | 17,95,000/- | 17,95,000/- |
| 7. | ଯୋଗାଯୋଗ | --- | 35,50,550/- | 35,50,550/- |
| 8. | ସି.ଆଇ.ପି.ଏ. | 1,93,95,000/- | -- | 1,93,95,000/- |
| 9. | ରାଜ୍ୟ ଅପରାଧ ଅନୁସନ୍ଧାନ ଉପକରଣ | --- | 5,14,000/- | 5,14,000/- |
| 10. | ଫରେନ୍‌ସିକ ବିଜ୍ଞାନାଗାର ସାମଗ୍ରୀ | --- | 9,20,000/- | 9,20,000/- |
| 11. | ଅଫିସ ଗୃହ ନିର୍ମାଣ | 10,56,73,780/- | -- | 10,56,73,780/- |
| 12. | ବାସଗୃହ ନିର୍ମାଣ | 6,62,40,000/- | -- | 6,62,40,000/- |
| **ମୋଟ** | | **26,53,00,000/-** | **8,84,00,000/-** | **35,37,00,000/-** |

## 1.7 ରାଜ୍ୟ ଅପରାଧ ପଞ୍ଜିକରଣ ସଂସ୍ଥା :

ଅପରାଧ ଅପରାଧୀ ସୂଚନା ବ୍ୟବସ୍ଥାକୁ ବହୁଭାଷୀ ୱେବ୍‌ରେ ପରିଣତ କରାଯାଇଛି । ଏହାର ସର୍ବମୋଟ ପଞ୍ଜିକୃତ ତଥ୍ୟ ସଂଖ୍ୟା 17,31,246 ଅଟେ । ଏହି ସୂଚନା ବ୍ୟବସ୍ଥାକୁ ଅଦ୍ୟତନ (uptodate) କରିବାକୁ ରାଜ୍ୟର ସବୁ ଜିଲ୍ଲା ଆରକ୍ଷୀ ଅଧୀକ୍ଷକମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

ଅତ୍ୟାଧୁନିକ ହାର୍ଡ ୱେୟାର ସଂଗ୍ରହ କରାଯାଇ ଜିଲ୍ଲା ସ୍ତରରେ ଅପରାଧ ପଞ୍ଜିକରଣ ସଂସ୍ଥା (ଡି.ସି.ଆର୍.ବି.) ମାନଙ୍କର ପୁରୁଣା କମ୍ପ୍ୟୁଟର ଗୁଡିକୁ ବଦଳାଯାଇ ଅପରାଧ ଅପରାଧୀ ସୂଚନା ବ୍ୟବସ୍ଥାକୁ ବହୁଭାଷୀ ୱେବ୍‌ରେ ପରିଣତ କରାଯାଇଛି । ଏହାଦ୍ୱାରା ୱେବ୍‌ସମର୍ଥ, ବହୁଭାଷୀ, ପରିସଂଖ୍ୟାନ ରିପୋର୍ଟ ଯଥା ଫଟୋ ଗ୍ୟାଲେରୀ, ଅନ୍‌ଲାଇନ୍ ଡାଟା ବଦଳି ବ୍ୟବସ୍ଥାଦି କାର୍ଯ୍ୟ ସମ୍ପନ୍ନ ହୋଇପାରୁଛି ।

ରାଜ୍ୟର 34 ଗୋଟି ପୋଲିସ୍ ଜିଲ୍ଲା ଦପ୍ତର, 9ଟି ବାଟାଲିୟନ ଓ 23ଟି ପ୍ରମୁଖ ପୋଲିସ ପ୍ରତିଷ୍ଠାନରେ ଆନ୍ତର୍ଦପ୍ତର ସ୍ୱୟଂକ୍ରିୟ ବ୍ୟବସ୍ଥା ପ୍ରଚଳନ ନିମନ୍ତେ କମ୍ପ୍ୟୁଟର ଯୋଗାଇ ଦିଆଯାଇଛି ଏବଂ ଏହି କମ୍ପ୍ୟୁଟର ଗୁଡିକରେ ଲାନ୍ (LAN ) ବ୍ୟବସ୍ଥା ପ୍ରବର୍ତ୍ତନ କରାଯାଇଛି । ଦପ୍ତରଗୁଡିକରେ ପୋଲିସ୍ ଇଣ୍ଟରନେଟ୍ ବ୍ୟବସ୍ଥା ପ୍ରଚଳନ କରି ଡାକ ଆଦାନ ପ୍ରଦାନ କାର୍ଯ୍ୟ କରାଯାଇଛି । ରାଜ୍ୟର 45 ଗୋଟି ଥାନାକୁ କେନ୍ଦ୍ର ସରକାରଙ୍କ ଗୃହ ମନ୍ତ୍ରଣାଳୟ ତରଫରୁ ପ୍ରଦତ୍ତ ପ୍ରତ୍ୟେକଙ୍କୁ 5ଟି କମ୍ପ୍ୟୁଟର ଓ 2ଟି ପ୍ରିଣ୍ଟର ଯୋଗାଣ ଯୋଜନାରେ ପ୍ରଥମେ 2ଟି କରି କମ୍ପ୍ୟୁଟର ଯୋଗାଇ ଦିଆଯାଇଛି । ରାଷ୍ଟ୍ରୀୟ ସୂଚନା ବିଜ୍ଞାନ କେନ୍ଦ୍ର ସହଯୋଗରେ ରାଜ୍ୟର ଥାନା ଗୁଡିକରେ ବ୍ୟବହାର କରାଯାଉଥିବା ବିଭିନ୍ନ ଫର୍ମ ରେଜିଷ୍ଟର ଗୁଡିକୁ CIPA ( Common Integrated Police Application) ସଫ୍‌ଟୱେୟାରରେ ଅନ୍ତର୍ଭୁକ୍ତ କରାଯାଉଛି । CIPA ସଫ୍‌ଟୱେୟାରରେ କିଭଳି କାର୍ଯ୍ୟ କରିପାରିବେ ସେଥିପାଇଁ 45ଟି ଥାନାର କର୍ମଚାରୀଙ୍କୁ ଉପଯୁକ୍ତ ତାଲିମ ବ୍ୟବସ୍ଥା କରାଯାଇଛି ।

କମ୍ପ୍ୟୁଟରୀକୃତ ଏଫ୍.ଆଇ.ଆର ପ୍ରସ୍ତୁତ କରି ଆବେଦନକାରୀଙ୍କୁ ପ୍ରଦାନ କରିବା ନିମନ୍ତେ ରାଜ୍ୟର ଅନୁଗୋଳ, କଟକ, ଖୋର୍ଦ୍ଧା, ପୁରୀ, ଗଞ୍ଜାମ ଜିଲ୍ଲାର 45ଟି ଥାନାରେ CIPA ସଫ୍‌ଟୱେୟାର ମାଧ୍ୟମରେ ସ୍ୱତନ୍ତ୍ର ଫର୍ମ ପ୍ରଚଳନ କରାଯାଇଛି । ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ କରକମଳରେ ତା. 15.3.2007 ରିଖରେ କ୍ୟାପିଟାଲ ଥାନାରେ ଉକ୍ତ ବ୍ୟବସ୍ଥାର ଉଦ୍‌ଘାଟନ କରାଯାଇଛି । ଏତଦ୍‌ଭିନ୍ନ ଅନ୍ୟ ଫର୍ମ ଓ ରେଜିଷ୍ଟାର ଗୁଡିକୁ ଆମ ରାଜ୍ୟରେ ପ୍ରଚଳିତ ଫର୍ମ ଢାଞ୍ଚାରେ ଏନ୍.ଆଇ.ସି. ଦ୍ୱାରା ପ୍ରସ୍ତୁତ କରାଯାଉଛି । ଅଙ୍ଗୁଳିଛାପ ତଥ୍ୟ ଡିଜିଟାଇଜେସନ୍ କାର୍ଯ୍ୟ ସମ୍ପନ୍ନ

ହେବାପରେ ସମସ୍ତ ଜିଲ୍ଲା ଅଙ୍ଗୁଳିଛାପ ଇଉନିଟ୍ ଏବଂ କଟକସ୍ଥିତ ସି.ଆଇ.ଡି., ସି.ବି.କୁ ପୋଲିସ୍ ନେଟ୍ୱାର୍କ ସଂଯୋଗୀକରଣ ବ୍ୟବସ୍ଥା ଯୋଗାଇ ଦିଆଯିବ । ରାଜ୍ୟ ଅଙ୍ଗୁଳିଛାପ ବ୍ୟୁରୋ ଓ 34ଟି ପୋଲିସ ଜିଲ୍ଲା / ସି.ଆଇ.ଡି., ସି.ବି. କଟକରେ ସ୍ୱୟଂଚାଳିତ ଅଙ୍ଗୁଳିଛାପ ପ୍ରତିପାଦନ ପଦ୍ଧତି କାର୍ଯ୍ୟକାରୀ କରାଯାଇଛି । ଏଥିନିମନ୍ତେ ସମସ୍ତ ଷ୍ଟାଫ୍ ଏବଂ ବରିଷ୍ଠ ଅଧିକାରୀଙ୍କୁ ଉପଯୁକ୍ତ ତାଲିମ୍ ଦିଆଯାଇଛି ।

ଭାରତ ସରକାରଙ୍କ ଦ୍ୱାରା ଅନୁସୃତ ଦୈନିକ ଅପରାଧ ରିପୋର୍ଟ ବ୍ୟବସ୍ଥାରେ ସାଂଘାତିକ ଧରଣର ଅପରାଧ ଗୁଡିକ ୱେବ୍ ମାଧ୍ୟମରେ ପ୍ରେରଣ କରାଯାଉଛି ।

କମ୍ପ୍ୟୁଟରୀକୃତ ଦରମା ବିଲ୍ ବ୍ୟବସ୍ଥା ଅନୁସୃତ ହୋଇଛି । କମ୍ପ୍ୟୁଟର ଚିତ୍ରପ୍ରସ୍ତୁତି ବ୍ୟବସ୍ଥା ଦ୍ୱାରା ଅପରାଧୀ ତଥା ଦୋଷୀ ମାନଙ୍କର ଫୋଟୋଚିତ୍ର / ନକଲ ପ୍ରସ୍ତୁତ କରାଯାଇପାରୁଛି ।

## 1.8 ରାଜ୍ୟ ଅଙ୍ଗୁଳି ଛାପ ବ୍ୟୁରୋ, ଭୁବନେଶ୍ୱର :

1936 ମସିହା ଏପ୍ରିଲ 1 ତାରିଖ, ଓଡିଶା ପ୍ରଦେଶ ଗଠନ ଦିନ ରାଜ୍ୟ ଅଙ୍ଗୁଳି ଛାପ ବ୍ୟୁରୋ ଗଠନ ହୋଇଥିଲା । ତା.31.12.2007 ରିଖ ସୁଦ୍ଧା 49234 ଟି ଅଙ୍ଗୁଳି ଛାପ ରେକର୍ଡ କରାଯାଇଛି । 34ଟି ପୋଲିସ୍ ଜିଲ୍ଲା ଏବଂ ସି.ଆଇ.ଡି. ମୁଖ୍ୟ କାର୍ଯ୍ୟାଳୟରେ ରିପୋର୍ଟ କ୍ୱୋରୀ ଟରମିନାଲ ଯନ୍ତ୍ର ସ୍ଥାପନ କରାଯାଇଛି । ଗିରଫ ହୋଇଥିବା ଏବଂ ଦୋଷୀ ସାବ୍ୟସ୍ତ ହୋଇଥିବା ଘଟଣାରେ ମୋଟ 80000 ଟି ଅଙ୍ଗୁଳିଛାପ ରେକର୍ଡ ସ୍ଲିପ୍ ଓ ଅନ୍ୟ 2940 ଟି ଅଙ୍ଗୁଳିଛାପ ଏ.ଏଫ୍.ଆଇ.ଏସ୍ ଡାଟାବେଶ୍‌ରେ ଗଚ୍ଛିତ ରଖାଯାଇଛି । ଗିରଫ ହୋଇଥିବା 18220 ଜଣଙ୍କର ଅଙ୍ଗୁଳି ଛାପ ସ୍ଲିପ୍ ବ୍ୟୁରୋରେ ଅନୁସନ୍ଧାନ କରାଯାଇଥିଲା ଏବଂ 135 ଜଣଙ୍କର ଅଙ୍ଗୁଳି ଛାପ ସାବ୍ୟସ୍ତ କରାଯାଇଥିଲା । 2587 ଟି ଅଙ୍ଗୁଳି ଛାପ ତ୍ରୁଟିଯୁକ୍ତ ହୋଇଥିବାରୁ ଫେରାଇ ଦିଆଯାଇଥିଲା । 15498 ଟି ଅଙ୍ଗୁଳି ଛାପ ସାବ୍ୟସ୍ତ ହୋଇ ପାରିନଥିଲା । 272 ଜଣ ଦୋଷୀ ସାବ୍ୟସ୍ତ ହୋଇଥିବା ଅପରାଧୀଙ୍କର ଅଙ୍ଗୁଳି ଛାପ ସ୍ଲିପ୍ ରେକର୍ଡ ପାଇଁ ଜାତୀୟ ଅପରାଧ ପଞ୍ଜିକରଣ ସଂସ୍ଥାକୁ ପଠାଯାଇଛି । 2007 ମସିହାରେ 218 ପୋଲିସ୍ ଅଧିକାରୀଙ୍କୁ ଅଙ୍ଗୁଳି ଛାପ, ପଦଚିହ୍ନ ଏବଂ ଏ.ଆଇ.ଏସ୍.ଏଫ୍, ସଫ୍ଟ ଓୟାରରେ ପ୍ରଶିକ୍ଷଣ ଦିଆଯାଇଛି । 2ଟି ସାଧାରଣ ମାମଲାରେ ପରୀକ୍ଷା କରାଯାଇ ଟ.8,525/- ଆଦାୟ କରାଯାଇଛି ।

## 1.9 ହସ୍ତଲିପି ବ୍ୟୁରୋ:

2007 ବର୍ଷ ମଧ୍ୟରେ 275 ଟି ମାମଲାରେ 26,180ଟି ଦସ୍ତାବିଜ ପରୀକ୍ଷା କରାଯାଇ ମତାମତ ପ୍ରଦାନ କରାଯାଇ ଥିଲା । ଏଥି ସହିତ ବିଭିନ୍ନ ବିଚାର ବିଭାଗୀୟ, ନ୍ୟାୟାଳୟ, ସରକାରୀ ଓ ଅର୍ଦ୍ଧସରକାରୀ ସଂସ୍ଥାରୁ ଆସିଥିବା 25 ଟି ମାମଲା ପରୀକ୍ଷା କରାଯାଇ ମତାମତ ପ୍ରଦାନ କରାଯାଇଅଛି ଏବଂ ଏହି କାର୍ଯ୍ୟରୁ ଟ.44,640 ଙ୍କା ସଂଗ୍ରହ କରାଯାଇ ସରକାରୀ କୋଷାଗାରରେ ଜମା ଦିଆ ଯାଇଛି ।

## 1.10 ଫଟୋ ବ୍ୟୁରୋ :

ଭୁବନେଶ୍ୱରର ରସୁଲଗଡ ସ୍ଥିତ ଫଟୋ ବ୍ୟୁରୋ ଅଙ୍ଗୁଳିଛାପ ସମ୍ପର୍କିତ 247 ଟି ମାମଲାରେ 2471 ଟି , 207 ଟି ହସ୍ତଲିପି ମାମଲାରେ 21, 812 ଟି , 9ଟି ମିସ୍ କେସ୍ ମାମଲା ରେ 37 ଟି ଏବଂ 290 ଟି ନିଖୋଜ ବ୍ୟକ୍ତି ଙ୍କ ମାମଲାରେ 1182 ଟି ଫଟୋ ଚିତ୍ର ପ୍ରସ୍ତୁତ କରିଥିଲେ । 213 ପୋଲିସ କର୍ମଚାରୀଙ୍କର ଫଟୋ ପରିଚୟ ପତ୍ର ପ୍ରସ୍ତୁତ କରାଯାଇ ଥିଲା । ଏତଦ୍‌ବ୍ୟତୀତ ଆଇନ୍ ଶୃଙ୍ଖଳା ସମ୍ବନ୍ଧୀୟ 153 ଟି ଘଟଣାର ଭିଡିଓ ଗ୍ରାଫ କରିଥିଲେ । ଏହି ସଂସ୍ଥା , ବିଶିଷ୍ଟ ଏବଂ ଅତି ବିଶିଷ୍ଟ ବ୍ୟକ୍ତି ମାନଙ୍କର ଗସ୍ତସମୟରେ 13 ଟି ବିଭିନ୍ନ ସ୍ଥାନରେ ସୁରକ୍ଷା ଦୃଷ୍ଟିରୁ ତନଖି କରିଥିଲେ । 348 ଜଣ ପୋଲିସ ଅଧିକାରୀ ମାନଙ୍କୁ ଫଟୋ ସମ୍ବନ୍ଧୀୟ ପ୍ରଶିକ୍ଷଣ ଦିଆଯାଇଥିଲା ।

## 1.11 ଶ୍ୱାନବାହିନୀ:

କ୍ରାଇମବ୍ରାଞ୍ଚ ଦ୍ୱାରା ଅପରାଧ ଅନୁସନ୍ଧାନ ପାଇଁ 1961 ମସିହାରୁ ଶ୍ୱାନ ବାହିନୀ ଓଡିଶା ପୋଲିସରେ କାର୍ଯ୍ୟ କରି ଆସୁଅଛି । 2007 ମସିହାରେ 673 ଟି ମାମଲାରେ ଶ୍ୱାନମାନଙ୍କୁ ନିୟୋଜନ କରାଯାଇ ଥିଲା । ସେଗୁଡିକ ମଧ୍ୟରୁ 334 ଟି ଘଟଣାରେ ଶ୍ୱାନମାନେ ଅନୁସନ୍ଧାନ ସୂତ୍ର ବାହାର କରିଥିଲେ ।

## 1.12 ସିଗ୍‌ନାଲ:

ରାଜ୍ୟରେ ଆଇନ୍ ଶୃଙ୍ଖଳାର ରକ୍ଷା ଓ ନକ୍ସଲ କାର୍ଯ୍ୟ କଳାପ ଦମନ କରାଯିବା ପାଇଁ ରାଜ୍ୟରେ 3 ଗୋଟି ଉଚ୍ଚକ୍ଷମତା ସମ୍ପନ୍ନ ରେଡିଓ ସଂଚାରଣ କେନ୍ଦ୍ର ଓ 42 ଟି ସ୍ୱଳ୍ପ ଗତିଶୀଳ ଭି.ଏଚ.ଏଫ. କେନ୍ଦ୍ର ସ୍ଥାପନ କରାଯାଇଅଛି । ବିଭିନ୍ନ ଥାନା ମାନଙ୍କରେ ଥିବା ଗାଡି ଏବଂ ପୋଲିସ କଣ୍ଟ୍ରୋଲ ରୁମ ଗାଡିଗୁଡିକରେ 20 ଟି ଭ୍ରାମ୍ୟମାଣ ଭି.ଏଚ.ଏଫ. ଖଞ୍ଜାଯାଇ ଅଛି । ବନ୍ୟା ପ୍ରପୀଡିତ ଅଞ୍ଚଳରେ ଯୋଗାଯୋଗ ରକ୍ଷା ନିମନ୍ତେ 27 ଟି ଏଚ. ଏଫ / ଭି .ଏଚ. ଏଫ କେନ୍ଦ୍ର ସ୍ଥାପନ କରାଯାଇ ଅଛି । ଏତଦ୍ ବ୍ୟତୀତ ପର୍ବ ପର୍ବାଣୀ , ବିଶିଷ୍ଟ , ଅତି ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କ ଗସ୍ତ ସମୟରେ ଶାନ୍ତି

ଶୃଙ୍ଖଳା ରକ୍ଷା କରିବା ପାଇଁ 2722 ଟି ସ୍ୱଳ୍ପ ଗତିଶୀଳ ଭି.ଏଚ.ଏଫ. ସେଟ୍ ଏବଂ 3197 ୱାକିଟକି ସେଟ ବ୍ୟବସ୍ଥା କରାଯାଇଛି ।

### 1.13 ପୋଲିସ୍ ମୋଟର ପରିବହନ:

ପୋଲିସ୍ ମୋଟର ପରିବହନ ସଂସ୍ଥାଦ୍ୱାରା 62731ଟି ବଡ ଧରଣର ଓ 71986ଟି କ୍ଷୁଦ୍ର ମରାମତି କାର୍ଯ୍ୟ କରାଯାଇଛି ।

2007 ମସିହା ମଧ୍ୟରେ 37 ଟି ଅକାମୀ ପୋଲିସ୍ ଗାଡିର ନିଲାମ କରାଯାଇ ବିକ୍ରୟିଲବ୍ଧ ଧନ ବାବଦକୁ 16,19,579 ଟଙ୍କା ସରକାରୀ କୋଷାଗାରରେ ଜମା ଦିଆଯାଇଛି ।

କଟକର ତୁଳସୀପୁର ଠାରେ ଥିବା ପ୍ରଶିକ୍ଷଣ କେନ୍ଦ୍ର ରେ236 ଜଣ ପୋଲିସ୍ କର୍ମଚାରୀଙ୍କୁ ଗାଡି ଚାଳନା, ରକ୍ଷଣାବେକ୍ଷଣ ତଥା ଗାଡିଗୁଡିକରେ ଦେଖା ଯାଉଥିବା ତ୍ରୁଟି ବିଷୟରେ ତାଲିମ୍ ଦିଆଯାଇଛି ।

### 1.14 ଓଡିଶା ପୋଲିସ ଗୃହ ନିର୍ମାଣ ଓ କଲ୍ୟାଣ ନିଗମ:

2007 ମସିହାରେ ଓଡିଶା ପୋଲିସ ଗୃହ ନିର୍ମାଣ ଓ କଲ୍ୟାଣ ନିଗମ ରାଜ୍ୟର ବିଭିନ୍ନ ଅଞ୍ଚଳରେ ଏପରିକି ନକ୍ସଲ ଉପଦ୍ରୁତ ଅଞ୍ଚଳରେ ପ୍ରତିକୂଳ ପରିସ୍ଥିତି ମଧ୍ୟରେ ଗୃହ ନିର୍ମାଣ କରି ତାର ପାରଦର୍ଶିତା ପ୍ରତିପାଦନ କରିଛି । ନିମ୍ନ ସଂଖ୍ୟକ ଗୃହ ଗୁଡିକ ଏହି ନିଗମ ଦ୍ୱାରା ନିର୍ମିତ ହୋଇଥିଲା ।

| ସଂସ୍ଥାମାନଙ୍କର ନାମ | ବାସଗୃହ | ଅଣ ବାସଗୃହ |
|---|---|---|
| ପୋଲିସ | 77 | 25 |
| ଅଗ୍ନିଶମ ସେବା | 6 | 7 |
| କାରାଗାର | 88 | 21 |
| ନ୍ୟାୟପାଳିକା | -- | 4 |
| **ମୋଟ** | **171** | **57** |

ନିକଟ ଅତୀତରେ କାର୍ଯ୍ୟଦକ୍ଷତାର ମାନ ବୃଦ୍ଧି ତଥା ଲକ୍ଷ୍ୟସାଧନ ନିମନ୍ତେ କ୍ଷମତା ବିକେନ୍ଦ୍ରୀକରଣ କରାଯାଇଛି । ଆସନ୍ତା 2008-09 ବର୍ଷରେ ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବା ସହ ଲକ୍ଷ୍ୟହାସଲ କରିବା ପାଇଁ ବିକେନ୍ଦ୍ରୀକରଣ ମାଧ୍ୟମରେ ନୂତନ ଡିଭିଜନ ମାନ ଖୋଲାଯାଇଅଛି ।

## 1.15 ମାନବାଧିକାର ସୁରକ୍ଷା :

**ରାଜ୍ୟ ମାନବାଧିକାର ସୁରକ୍ଷା ପ୍ରତିଷ୍ଠାନ ଦ୍ୱାରା ତଦନ୍ତ କାର୍ଯ୍ୟ**

ରାଜ୍ୟ ମାନବାଧିକାର ସୁରକ୍ଷା ପ୍ରତିଷ୍ଠାନ 2007 ମସିହାରେ (ତା.30.11.2007 ରିଖ ପର୍ଯ୍ୟନ୍ତ ) ମୋଟ 8 ଗୋଟି ଅପରାଧ ମାମଲାର ତଦନ୍ତ କରୁଛନ୍ତି । ତନ୍ମଧ୍ୟରୁ 3ଟି. ଯୌତୁକ ଜନିତ, 2 ଟି ଆଦିବାସୀ / ହରିଜନ ଉପରେ ଅତ୍ୟାଚାର ଜନିତ ଓ ଗୋଟିଏ ହାଜତ ମୃତ୍ୟୁ ଓ 2ଟି ଅନ୍ୟ ଅପରାଧ ମାମଲା ଅଟେ । ଏତଦ୍ ବ୍ୟତୀତ ପୁରାତନ ମାମଲାର ତଦନ୍ତ କରି 13ଟି ମୋକଦ୍ଦମା ର ଚୂଡ଼ାନ୍ତ ରିପୋର୍ଟ ଦାଖଲ କରିଛନ୍ତି ।

**ଅଭିଯୋଗ ପ୍ରକୋଷ୍ଠ**

2007 ମସିହାରେ (ତା. 30.11.2007 ରିଖ ପର୍ଯ୍ୟନ୍ତ ) ଯୌତୁକ ଜନିତ ନିର୍ଯ୍ୟାତନା, ହରିଜନ ଓ ଆଦିବାସୀଙ୍କ ଉପରେ ହେଉଥିବା ନିଷ୍ଠୁରତା ଓ ଅନ୍ୟାନ୍ୟ ସମସ୍ୟା ଉପରେ ରାଜ୍ୟ ମାନବାଧିକାର ସୁରକ୍ଷା ପ୍ରତିଷ୍ଠାନ 484 ଟି ଅଭିଯୋଗ ପତ୍ର ପାଇଥିଲେ । ତନ୍ମଧ୍ୟରୁ 99 ଟି ଅଭିଯୋଗ ପତ୍ର ଉପରେ ଆଇନ୍ ଅନୁଯାୟୀ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ଅବଶିଷ୍ଟ 385 ଟି ଅଭିଯୋଗ ପତ୍ର ସମ୍ପୃକ୍ତ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କ ଦ୍ୱାରା ତଦନ୍ତାଧୀନ ଅଛି ।

**ଜାତୀୟ ମାନବାଧିକାର କମିଶନଙ୍କଠାରୁ ପ୍ରାପ୍ତ ଅଭିଯୋଗ**

2007 ମସିହାରେ (ତା30.11.2007 ରିଖ ପର୍ଯ୍ୟନ୍ତ ) ଜାତୀୟ ମାନବାଧିକାର କମିଶନଙ୍କ ଠାରୁ 50ଟି ଅଭିଯୋଗ ପତ୍ର ପ୍ରାପ୍ତ ହୋଇଛି । ତନ୍ମଧ୍ୟରୁ 25ଟିରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ସହ ଅଭିଯୋଗଗୁଡ଼ିକ ଫଏସଲା ହୋଇଛି ଓ ଅବଶିଷ୍ଟ 25ଟି ଅଭିଯୋଗ ପତ୍ର ସମ୍ପୃକ୍ତ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କ ଦ୍ୱାରା ତଦନ୍ତାଧୀନ ଅଛି । ରାଜ୍ୟ ମାନବାଧିକାର ସୁରକ୍ଷା ପ୍ରତିଷ୍ଠାନ ଏ ସବୁ ଅଭିଯୋଗ ଗୁଡିକୁ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଫଏସଲା କରିବା ପାଇଁ ବିଭିନ୍ନ ଅଧିକାରୀଙ୍କ ସହିତ ଯୋଗସୂତ୍ର ରକ୍ଷା କରିଛନ୍ତି ।

**ରାଜ୍ୟ ମାନବାଧିକାର କମିଶନଙ୍କ ଠାରୁ ପ୍ରାପ୍ତ ଅଭିଯୋଗ**

2007 ମସିହାରେ (ତା.30.11.2007ରିଖ ପର୍ଯ୍ୟନ୍ତ ) ରାଜ୍ୟ ମାନବାଧିକାର କମିଶନଙ୍କ ଠାରୁ 26ଟି ଅଭିଯୋଗ ପତ୍ର ପ୍ରାପ୍ତ ହୋଇଛି । ତନ୍ମଧ୍ୟରୁ 13ଟି ଅଭିଯୋଗ

ପତ୍ର ଉପରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା କାର୍ଯ୍ୟାନୁଷ୍ଠାନ ରିପୋର୍ଟ ରାଜ୍ୟ ମାନବାଧିକାର କମିଶନଙ୍କ ନିକଟରେ ପେସ୍ କରାଯାଇଛି । ଅବଶିଷ୍ଟ 13ଟି ଅଭିଯୋଗ ପତ୍ର ତଦନ୍ତାଧୀନ ଅଛି ।

## ରାଜ୍ୟ ମହିଳା କମିଶନଙ୍କ ଠାରୁ ଅଭିଯୋଗ ପ୍ରାପ୍ତି

2007 ମସିହାରେ (ତା. 30.11.2007 ରିଖ ପର୍ଯ୍ୟନ୍ତ ) ଓଡିଶା ରାଜ୍ୟ ମହିଳା କମିଶନ, ଭୁବନେଶ୍ୱରଙ୍କ ନିକଟରୁ 144ଟି ଅଭିଯୋଗ ମିଳିଥିଲା । ଏଥି ମଧ୍ୟରୁ 38ଟି ଅଭିଯୋଗର ସମାଧାନ ହୋଇଥିବା ବେଳେ ଅବଶିଷ୍ଟ 106ଟି ଅଭିଯୋଗର ସମାଧାନ ହେବାକୁ ବାକି ରହିଛି ।

## ପରିବାର ପରାମର୍ଶ କେନ୍ଦ୍ର

ରାଜ୍ୟ ସରକାରଙ୍କ ସମାଜ ମଙ୍ଗଳ ବୋର୍ଡ ଦ୍ୱାରା ନିଯୁକ୍ତି ପାଇଥିବା ବୃତ୍ତିଭିତ୍ତିକ ପରାମର୍ଶଦାତ୍ରୀ ମାନଙ୍କୁ ନେଇ ଏକ ପରାମର୍ଶ କେନ୍ଦ୍ର ରାଜ୍ୟ ମାନବାଧିକାର ସୁରକ୍ଷା ପ୍ରତିଷ୍ଠାନରେ ଖୋଲାଯାଇଛି । ଏହି କେନ୍ଦ୍ରରେ ପାରିବାରିକ ମନୋମାଳିନ୍ୟ ଓ ଦାମ୍ପତ୍ୟ କଳହର ଆପୋଷ ସମାଧାନ ନିମନ୍ତେ ପରାମର୍ଶ ଦିଆଯାଇଥାଏ ।

2006 ମସିହାରେ ଏହି ପରିବାର ପରାମର୍ଶ କେନ୍ଦ୍ରରେ 94 ଟି ଅଭିଯୋଗ ମିଳିଥିବା ବେଳେ 2007 ମସିହାରେ ମୋଟ 125ଟି ଅଭିଯୋଗ ଏହି କେନ୍ଦ୍ରରେ ପ୍ରାପ୍ତ ହୋଇଥିଲା । ତନ୍ମଧ୍ୟରୁ 76ଟି ଅଭିଯୋଗ ସମାଧାନ ହୋଇସାରିଛି । ଅବଶିଷ୍ଟ 49ଟି ଅଭିଯୋଗର ସମାଧାନ ପ୍ରକ୍ରିୟା ଚାଲୁ ରହିଛି । ସମସ୍ତ ଜିଲ୍ଲା ଏସ୍.ପି. ମାନଙ୍କୁ ସେମାନଙ୍କ ଜିଲ୍ଲା ମାନବାଧିକାର ସୁରକ୍ଷା ପ୍ରତିଷ୍ଠାନରେ ଏପରି ଅଭିଯୋଗର ସମାଧାନ ପାଇଁ ନିର୍ଦ୍ଦେଶ ଦିଆଯାଇଛି ।

## ମହିଳା ଓ ଶିଶୁ ଡେସ୍କ

ମହିଳା ଓ ଶିଶୁ ମାନଙ୍କର ସାମାଜିକ ତଥା ଆଇନଗତ ସ୍ୱାର୍ଥରକ୍ଷା ପାଇଁ ସରକାର ପ୍ରତ୍ୟେକ ଥାନାରେ ମହିଳା ଓ ଶିଶୁ ଡେସ୍କ ପ୍ରତିଷ୍ଠା ପାଇଁ କାର୍ଯ୍ୟପନ୍ଥା ଗ୍ରହଣ କରିଛନ୍ତି । ବର୍ତ୍ତମାନ ରାଜ୍ୟରେ 21ଟି ସ୍ୱାଧାର ହୋମ୍, 33ଟି ସର୍ଟ୍‌ଷ୍ଟେ ହୋମ ଓ 34 ଟି ପରିବାର ପରାମର୍ଶ କେନ୍ଦ୍ର ମହିଳା ଓ ଶିଶୁମାନଙ୍କ ଦୁଃସମୟରେ ସାହାଯ୍ୟ କରିବା ପାଇଁ କାର୍ଯ୍ୟରତ ।

## ଯୌତୁକ-ଅଣଯୌତୁକ ନିର୍ଯ୍ୟାତନା

ରାଜ୍ୟରେ 2007 ମସିହାରେ 2570ଟି ଯୌତୁକ-ଅଣଯୌତୁକ ମାମଲା ରୁଜୁ ହୋଇଥିଲା ବେଳେ ଏହି ସଂଖ୍ୟା 2006 ମସିହାରେ 2456ଟି, 2005 ମସିହାରେ 2088ଟି

ଏବଂ 2004 ମସିହାର 1883ଟି ଥିଲା । ତେଣୁ ଉକ୍ତ ଅପରାଧର ଶତକଡ଼ା ହାର 2006 ମସିହା ତୁଳନାରେ 4.6, 2005 ମସିହା ତୁଳନାରେ 23 ଏବଂ 2004 ମସିହା ତୁଳନାରେ 36.4 ବୃଦ୍ଧି ପାଇଛି ।

2007 ମସିହାରେ ରୁଜୁ ହୋଇଥିବା 2570 ମାମଲା ମଧ୍ୟରୁ 835 ଟି ମୋକଦ୍ଦମାରେ ଦୋଷାରୋପ ଫର୍ଦ୍ଦ ଦାଖଲ କରାଯାଇଛି । 10 ଟିରେ ଚୂଡ଼ାନ୍ତ ରିପୋର୍ଟ ସତ୍ୟ । 18 ଟି ମୋକଦ୍ଦମା ଅନ୍ୟଭାବେ ଫଏସଲା ହୋଇଛି । ଅବଶିଷ୍ଟ 1707ଟି ତଦନ୍ତାଧୀନ ମୋକଦ୍ଦମା ମଧ୍ୟରୁ 1632ଟିରେ ଦୋଷାରୋପ ଫର୍ଦ୍ଦ ଦାଖଲ ହେବାର ସମ୍ଭାବନା ଅଛି । ଦୋଷାରୋପ ଫର୍ଦ୍ଦ ଓ ସମ୍ଭାବ୍ୟ ଦୋଷାରୋପ ଫର୍ଦ୍ଦ ମାମଲା ବିଚାରକୁ ନେଲେ ଅନୁସନ୍ଧାନରେ ସଫଳତାର ହାର ଶତକଡ଼ା 96.6 ଭାଗ ଅଟେ ।

## ତଫସିଲ ଭୁକ୍ତ ଜାତି ଓ ତଫସିଲ ଭୁକ୍ତ ଉପଜାତିଙ୍କ ଉପରେ ହୋଇଥିବା ନିର୍ଯ୍ୟାତନା ମାମଲା

ରାଜ୍ୟରେ 2007 ମସିହାରେ (ତା.31.10.2007ରିଖ ପର୍ଯ୍ୟନ୍ତ) ତଫସିଲ ଭୁକ୍ତ ଜାତି-ଉପଜାତିଙ୍କ ଉପରେ ହୋଇଥିବା ନିର୍ଯ୍ୟାତନା ମାମଲା ସଂଖ୍ୟା 1474 ଥିଲା । ଜନସାଧାରଣଙ୍କ ମଧ୍ୟରେ ଜାତିଗତ ବର୍ଣ୍ଣ ବିଦ୍ୱେଷ ଭାବ ଦୂରୀକରଣ ନିମନ୍ତେ ସରକାରଙ୍କ ଦ୍ୱାରା ଦୂରଦର୍ଶନ ଓ ଅନ୍ୟାନ୍ୟ ଗଣ ମାଧ୍ୟମରେ ପ୍ରଚାର, ଜିଲ୍ଲା ଆରକ୍ଷୀ ଅଧୀକ୍ଷକ / ଜିଲ୍ଲାପାଳଙ୍କ ଦ୍ୱାରା ଖୋଲା ମଞ୍ଚରେ ଆଲୋଚନା ଏବଂ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମାନଙ୍କ ଦ୍ୱାରା ଅଧିକ ଜନ ସଚେତନତା ସୃଷ୍ଟି ଦ୍ୱାରା ଏହି ମୋକଦ୍ଦମା ସଂଖ୍ୟା ବୃଦ୍ଧି ପାଇଛି ।

2007 ମସିହାରେ ରୁଜୁ ହୋଇଥିବା 1474ଟି ମୋକଦ୍ଦମା ମଧ୍ୟରୁ 171ଟି ମୋକଦ୍ଦମାରେ ଦୋଷାରୋପ ଫର୍ଦ୍ଦ ଦାଖଲ କରାଯାଇଛି, 5ଟି ରେ ସତ୍ୟ ଆଧାରିତ ଚୂଡ଼ାନ୍ତ ରିପୋର୍ଟ ଓ 69 ଗୋଟି ମୋକଦ୍ଦମା ଅନ୍ୟଭାବେ ଫଏସଲା ହୋଇଛି । ଅବଶିଷ୍ଟ 1229ଟି ତଦନ୍ତାଧୀନ ମୋକଦ୍ଦମା ମଧ୍ୟରୁ 1131ଟିରେ ଦୋଷାରୋପ ଫର୍ଦ୍ଦ ଦାଖଲ ହେବାର ସମ୍ଭାବନା ଅଛି । ଦୋଷାରୋପ ଫର୍ଦ୍ଦ ଓ ସମ୍ଭାବ୍ୟ ଦୋଷାରୋପ ଫର୍ଦ୍ଦ ସଂଖ୍ୟା ବିଚାରକୁ ନେଲେ ଅନୁସନ୍ଧାନରେ ସଫଳତାର ହାର ଶତକଡ଼ା 92.6 ଭାଗ ଅଟେ ।

# ଦ୍ୱିତୀୟ ଅଧ୍ୟାୟ

## 2. କାରାଗାର ପ୍ରଶାସନ :

ରାଜ୍ୟରେ ସର୍ବମୋଟ 70ଟି କାରାଗାର ଓ 55ଟି ସଂସ୍କାର ଅନୁଷ୍ଠାନ କାର୍ଯ୍ୟ କରୁଛି ।

କାରାଗାର ଆଧୁନିକୀକରଣ ଯୋଜନାରେ କେନ୍ଦ୍ର ଓ ରାଜ୍ୟ ସରକାର 75:25 ଅନୁପାତରେ ମୋଟ 107.40 କୋଟି ଟଙ୍କା, କାରାଗାରରେ ରହିବା ବ୍ୟବସ୍ଥାର ଉନ୍ନତି ଓ 6,300ଟି ଉପ କାରାଗାର ଗଠନ ପାଇଁ ବିନିଯୋଗ କରାଯାଇଛି । ଏତଦ୍‌ବ୍ୟତୀତ 761ଟି କର୍ମଚାରୀ ବାସଗୃହ, 595ଟି ସେପ୍‌ଟିକ୍ ପାଇଖାନା, 44ଟି ଜଳ ଯୋଗାଣ ପ୍ରକଳ୍ପ ନିର୍ମାଣ କରିବାର ନିଷ୍ପତ୍ତି ନେଇଛନ୍ତି । ତନ୍ମଧ୍ୟରୁ 15 ଟି ଉପକାରାଗାର, 34ଟି ଅତିରିକ୍ତ ବନ୍ଦୀ ପ୍ରକୋଷ୍ଠ, 365ଟି ସେପଟିକ୍ ପାଇଖାନା ଓ 26ଟି ଜଳଯୋଗାଣ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି ।

ନକ୍ସଲ ପ୍ରଭାବିତ ଜିଲ୍ଲାମାନଙ୍କରେ ଥିବା 7ଟି କାରାଗାର ଦୁର୍ଗୀକରଣ ପାଇଁ 2007-08 ଆର୍ଥିକ ବର୍ଷରେ 184.00 ଲକ୍ଷ ଟଙ୍କାର ରାଜ୍ୟ ଯୋଜନା ବ୍ୟୟ ଅଟକଳ କରାଯାଇଅଛି । ସେହିପରି 2007-08 ଅଣଯୋଜନାରେ 1667.00 ଲକ୍ଷ ଟଙ୍କାର ବ୍ୟୟବରାଦ କରାଯାଇ ଆଉ 17ଟି କାରାଗାର ଗୃହର ଦୁର୍ଗୀକରଣ କରାଯାଇଛି । ଏହାଛଡ଼ା 22ଟି କାରାଗାରର କାରାପ୍ରାଚୀର ଏବଂ 9ଟି କାରାଗାରର ବହିର୍ପ୍ରାଚୀର ମରାମତି ଓ ପୁନର୍ଗଠନ କରାଯାଇଛି । 54ଟି କାରାଗାରରେ କାରାଗୃହ, ରୋଷଶାଳା ଓ ଚିକିତ୍ସାଳୟ ଗୃହର ସ୍ୱତନ୍ତ୍ର ମରାମତି କରାଯାଇଛି । 34ଟି କାରାଗାର ଓ 23ଟି କର୍ମଚାରୀ ବାସଗୃହ ମରାମତି ପାଇଁ ଯଥାକ୍ରମେ 300.00 ଓ 100.00 ଲକ୍ଷ ଟଙ୍କାର ବ୍ୟୟ ବରାଦ କରାଯାଇଅଛି । ଚଳିତ ଆର୍ଥିକ ବର୍ଷ 2007-08ରେ ପରିମଳ ବ୍ୟବସ୍ଥାର ଉନ୍ନତି ପାଇଁ 200.00 ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଅଛି ।

ଉପରୋକ୍ତ ସମସ୍ତ ନିର୍ମାଣ କାର୍ଯ୍ୟ ରାଜ୍ୟ ଆରକ୍ଷୀ ଗୃହନିର୍ମାଣ ନିଗମ ମାଧ୍ୟମରେ କରାଯାଇଅଛି । 6ଟି କାରାଗାରରେ ସ୍ୱତନ୍ତ୍ର 6 ପ୍ଲାଟୁନ୍ ସଶସ୍ତ୍ର ପୋଲିସ୍‌ଙ୍କ ରହିବାପାଇଁ 3 କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ।

## 2.1 ଉତ୍ତମ ଖାଦ୍ୟ ଯୋଗାଣ

ତା.01.01.2007 ରିଖଠାରୁ ଅନ୍ୟ ରାଜ୍ୟମାନଙ୍କ ତୁଳନାରେ ଉତ୍ତମ ଖାଦ୍ୟ ଯୋଗାଣ ପାଇଁ ବିଚାରାଧୀନ ଓ ଦୋଷୀ ସାବ୍ୟସ୍ତ ବନ୍ଦୀମାନଙ୍କ ପାଇଁ ଯଥାକ୍ରମେ ଦୈନିକ 34 ଓ 35ଟଙ୍କା ହାରରେ ନୂତନ ଖାଦ୍ୟ ବ୍ୟବସ୍ଥା କରାଯାଇଛି । 6 ବର୍ଷରୁ କମ୍ ଶିଶୁ ଏବଂ ମହିଳା ବନ୍ଦୀମାନଙ୍କର 6 ବର୍ଷ ପର୍ଯ୍ୟନ୍ତ ଶିଶୁମାନଙ୍କ ପାଇଁ ଦୈନିକ 27.10 ଟଙ୍କାର ସ୍ୱତନ୍ତ୍ର ଖାଦ୍ୟ ବ୍ୟବସ୍ଥା କରାଯାଇଛି । ଶିଶୁମାନଙ୍କୁ ଦୈନିକ 500 ମିଲି ଲିଟର କ୍ଷୀର ଓ 100 ଗ୍ରାମ ଫଳ ଦିଆଯାଉଛି । ସେମାନଙ୍କୁ ସ୍ୱତନ୍ତ୍ର ପୋଷାକ, ଖାଦ୍ୟୋପକରଣ ଓ ଚିକିତ୍ସାପାଇଁ ବାର୍ଷିକ 300.00 ଟଙ୍କା ଯୋଗାଇ ଦିଆଯାଉଛି ।

## 2.2 କାରାଗାର ସଂସ୍କାର ଓ ଶିକ୍ଷା

ବନ୍ଦୀମାନଙ୍କୁ ସାକ୍ଷର ଓ ଶିକ୍ଷିତ କରିବା ପାଇଁ ରାଜ୍ୟର 23ଟି କାରାଗାରରେ ନିୟମିତ ଶିକ୍ଷକ ନିୟୋଜିତ ହୋଇଛନ୍ତି । 22ଟି କାରାଗାରକୁ 30,000 ଟଙ୍କାର ପାଠ୍ୟପୁସ୍ତକ ଯୋଗାଇ ଦିଆଯାଇଛି । 2007 ମସିହାରେ 6 ଜଣ ବନ୍ଦୀ ମାଧ୍ୟମିକ (ମାଟ୍ରିକ୍) ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି । ତନ୍ମଧ୍ୟରୁ ଜଣେ ପ୍ରଥମ ଶ୍ରେଣୀରେ ଓ 5 ଜଣ ଦ୍ୱିତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି । ଏତଦ୍‌ଭିନ୍ନ ଦୁଇଜଣ ବିଚାରାଧୀନ ବନ୍ଦୀ ଯୁକ୍ତ ତିନି ବାଣିଜ୍ୟ ଓ ଜଣେ ଆଜୀବନ କଏଦୀ ଇତିହାସରେ ସ୍ନାତକୋତ୍ତର ପରୀକ୍ଷା ଦେଇଛନ୍ତି । ବାରିପଦା ମଣ୍ଡଳ କାରାଗାର ବନ୍ଦୀମାନଙ୍କର 67 ଜଣ ସନ୍ତାନ ସନ୍ତତି ବିଭିନ୍ନ ଆଶ୍ରମ / ବିଦ୍ୟାଳୟରେ ମାଗଣା ରହି ଶିକ୍ଷାଲାଭ କରିବାର ବ୍ୟବସ୍ଥା କରାଯାଇଛି । ମଧୁରମୟୀ ଆଦର୍ଶ ଶିକ୍ଷାନିକେତନ, ଭୁବନେଶ୍ୱରରେ ମଧ୍ୟ ଏପରି ପଚାଶ ଜଣ ଶିକ୍ଷାର୍ଥୀ ଶିକ୍ଷାଲାଭ କରୁଛନ୍ତି ।

## 2.3 ସଂସ୍କାର ଓ ପୁନଃଥଇଥାନ

2007-08 ଆର୍ଥିକ ବର୍ଷରେ 6 ଜଣ ତଫସିଲଭୁକ୍ତ ଉପଜାତି ଓ ଦୁଇ ଜଣ ତଫସିଲଭୁକ୍ତ ଜାତି ସମେତ ମୁକ୍ତ ବନ୍ଦୀଙ୍କୁ ମୋଟ 1.00 ଲକ୍ଷ ଟଙ୍କାର ଅନୁଦାନ ପ୍ରଦାନ କରାଯାଇଅଛି ।

## 2.4 ସ୍ୱାସ୍ଥ୍ୟସେବା

ରାଜ୍ୟର 16ଟି କାରାଗାରରେ ବନ୍ଦୀମାନଙ୍କ ଚିକିତ୍ସାପାଇଁ ନିୟମିତ ଡାକ୍ତର ନିଯୁକ୍ତ ହୋଇଛନ୍ତି । 4ଟି ମଣ୍ଡଳ କାରାଗାରରେ 4 ଜଣ ନିୟମିତ ମାନସିକ ରୋଗୀ

ଡାକ୍ତର ନିଯୁକ୍ତ ହୋଇଛନ୍ତି । ରାଜ୍ୟର ଅନ୍ୟାନ୍ୟ କାରାଗାର ଗୁଡିକରେ ବନ୍ଦୀମାନଙ୍କ ଚିକିତ୍ସାପାଇଁ ସାମୟିକ ଡାକ୍ତର ଅଛନ୍ତି । 2007-08 ଆର୍ଥିକ ବର୍ଷରେ ବନ୍ଦୀମାନଙ୍କ ଚିକିତ୍ସା ଓ ଔଷଧ ପାଇଁ ମୋଟ 68.75 ଲକ୍ଷ ଟଙ୍କା ଯୋଗାଇ ଦିଆଯାଇଅଛି ।

## 2.5 ବନ୍ଦୀଙ୍କ ପାରିଶ୍ରମିକ :

ଜାମୁଝରୀସ୍ଥିତ ବିଜୁପଟ୍ଟନାୟକ ମୁକ୍ତାକାଶ ଆଶ୍ରମରେ ବନ୍ଦୀମାନଙ୍କୁ କୃଷି / ଉଦ୍ୟାନ/ ଶିଳ୍ପ ଭିତ୍ତିକ ବିଭିନ୍ନ ପ୍ରକାର କାର୍ଯ୍ୟରେ ନିୟୋଜିତ କରାଯାଇଛି । ରାଜ୍ୟର ଅନ୍ୟ 24 ଟି କାରାଗାରରେ ବିଭିନ୍ନ ପ୍ରକାର ଉତ୍ପାଦନଭିତ୍ତିକ ଅନୁଷ୍ଠାନ କାର୍ଯ୍ୟକରୁଛି । ଏହି କାର୍ଯ୍ୟରେ ନିୟୋଜିତ ବନ୍ଦୀମାନଙ୍କୁ ଦୈନିକ 10 ଟଙ୍କା ପାରିଶ୍ରମିକ ଦିଆଯାଉଛି ।

## 2.6 କାରାଗାର ଶିଳ୍ପ:

ଜାମୁଝରୀସ୍ଥିତ ବିଜୁ ପଟ୍ଟନାୟକ ମୁକ୍ତାକାଶ ଆଶ୍ରମରେ ଦରି ପ୍ରସ୍ତୁତି ଓ ପ୍ରଶିକ୍ଷଣ ପାଇଁ ବ୍ୟବସ୍ଥା ଅଛି । ଏଥିରେ 60 ଜଣ ଦୋଷୀ ସାବ୍ୟସ୍ତ ବନ୍ଦୀ 4 ମାସିଆ ତାଲିମ୍ ନେଇଛନ୍ତି । ଏଥିପାଇଁ 32,723 ଟଙ୍କା ଷ୍ଟାଇପେଣ୍ଡ ଦିଆଯାଇଛି । 2007-08 ଆର୍ଥିକ ବର୍ଷରେ 12.75 ଲକ୍ଷ ଟଙ୍କାର କାରାଗାର ଉତ୍ପାଦନ ସାମଗ୍ରୀ ବିକ୍ରୟ କରାଯାଇଛି ଏବଂ ଟ.6,10,715.00ଙ୍କା ର ସାମଗ୍ରୀ ବିଭିନ୍ନ କାରାଗାରର ଅନ୍ତେବାସୀଙ୍କ ବ୍ୟବହାର ପାଇଁ ଯୋଗାଇ ଦିଆଯାଇଛି ।

## 2.7 ରାଜସ୍ୱ ଆୟ :

2007-08 ଆର୍ଥିକ ବର୍ଷରେ ନିମ୍ନ ପ୍ରଦର୍ଶିତ ପ୍ରକାରେ ରାଜସ୍ୱ ଆଦାୟ ହୋଇଅଛି ।

୧) ସାଧାରଣ ବିକ୍ରି - ଟ.6,67,000.00

୨) ଉଦ୍ୟାନ ସାମଗ୍ରୀ ବିକ୍ରି - ଟ.1,89,000.00

୩) ବିବିଧ ଆଦାୟ - ଟ.4,09,000.00

# ତୃତୀୟ ଅଧ୍ୟାୟ

**3. ଓଡିଶା ଗୃହରକ୍ଷୀ ବାହିନୀର 2007-08 ବର୍ଷର ଗୁରୁତ୍ୱପୂର୍ଣ୍ଣ କର୍ଯ୍ୟାବଳୀର ବିବରଣୀ :**

ଗୃହରକ୍ଷୀ ସ୍ୱେଚ୍ଛାସେବୀମାନେ ରାଜ୍ୟ ପୁଲିସ ଓ ଅଗ୍ନିଶମ ସେବାର ସାହାଯ୍ୟକାରୀ ଭାବେ କାର୍ଯ୍ୟ କରିଥାନ୍ତି । ସେମାନେ ଆଭ୍ୟନ୍ତରୀଣ ନିରାପତ୍ତା, ଆଇନ୍ ଶୃଙ୍ଖଳା, ଅପରାଧ ନିୟନ୍ତ୍ରଣ, ଫେରାର ଅପରାଧୀକୁ ଧରିବା, ବିଶିଷ୍ଟ ବ୍ୟକ୍ତିମାନଙ୍କର ନିରାପତ୍ତା, ଯାନବାହାନ ନିୟନ୍ତ୍ରଣ, ରାତ୍ରି ପ୍ରହରା ଏବଂ ଜଗୁଆଳି ଭଳି ମୁଖ୍ୟ କାର୍ଯ୍ୟ କରିଥାନ୍ତି । ସେମାନେ ମଧ୍ୟ ବନ୍ୟା ଓ ବାତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ସାହାଯ୍ୟ କରିଥାନ୍ତି ।

ଅଧୁନା, ଓଡିଶାର ମୋଟ ଗୃହରକ୍ଷୀ ସଂଖ୍ୟା 15,000 ଅଟେ । ଭାରତ ସରକାରଙ୍କ ଗୃହ ମନ୍ତ୍ରଣାଳୟ ଦ୍ୱାରା ପୂର୍ବରୁ ଓଡିଶା ପାଇଁ ସ୍ଥିର କରାଯାଇଥିବା ଗୃହରକ୍ଷୀ ସଂଖ୍ୟା 16,362 ରୁ 15,708 କୁ ହ୍ରାସ କରାଯାଇଅଛି । ରାଜ୍ୟରେ 7973 ଜଣ ସହରାଞ୍ଚଳ ଗୃହରକ୍ଷୀ, 7,027 ଜଣ ଗ୍ରାମାଞ୍ଚଳ ଗୃହରକ୍ଷୀ ଅଛନ୍ତି । ତନ୍ମଧ୍ୟରୁ 949 ଜଣ ମହିଳା ଗୃହରକ୍ଷୀ ଅଟନ୍ତି । 2007-08 ବର୍ଷରେ ସମସ୍ତ ଗୃହରକ୍ଷୀଙ୍କୁ ପୂର୍ଣ୍ଣ ମାତ୍ରାରେ ନିୟୋଜିତ କରାଯାଇଅଛି ।

ଗୃହରକ୍ଷୀ ସ୍ୱେଚ୍ଛାସେବୀମାନେ ବିଭିନ୍ନ ସରକାରୀ ଉଦ୍ୟୋଗ-ପ୍ରତିଷ୍ଠାନରେ ଜଗାରଖା କାର୍ଯ୍ୟରେ ନିୟୋଜିତ ହୋଇଥାନ୍ତି । ଏ ପ୍ରକାର ମୁତୟନ ବାବଦରେ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କଠାରୁ ଜଣ ପିଛା ଦୈନିକ କୋଡିଏ (20) ଟଙ୍କା ଭତ୍ତା ଅସୁଲ କରାଯାଏ ଯାହାକି ରାଜ୍ୟର ରାଜସ୍ୱ ବୃଦ୍ଧିରେ ସାହାଯ୍ୟ କରେ । ରାଜ୍ୟର ବିଭିନ୍ନ କାରାଗାର ଓ ଅଗ୍ନିଶମ ସେବା ପ୍ରତିଷ୍ଠାନ ଗୁଡିକରେ ବହୁ ସଂଖ୍ୟାରେ ଗୃହରକ୍ଷୀ ମୁତୟନ କରାଯାଇ ୱାର୍ଡର ଓ ଆଗ୍ନିକ ଅଭାବକୁ ପୂରଣ କରାଯାଉଅଛି ।

ଶ୍ରୀ ଜମ୍ମେଶ୍ୱର ପ୍ରଧାନ, ପ୍ଲାଟୁନ୍ ସର୍ଜେଣ୍ଟ, ରାଉରକେଲା, ଶ୍ରୀ ପର୍ଶୁରାମ ମଲ୍ଲିକ, କମ୍ପାନୀ କମାଣ୍ଡର ଓ ଶ୍ରୀମତୀ ଶାନ୍ତିଲତା ସାହୁ, ଗୃହରକ୍ଷୀ, କଟକଙ୍କୁ ସେମାନଙ୍କର ଉଲ୍ଲେଖନୀୟ ସେବା ପାଇଁ ମହାମାନ୍ୟ ରାଷ୍ଟ୍ରପତି ମହୋଦୟଙ୍କ ଦ୍ୱାରା ଘୋଷିତ ଗୃହରକ୍ଷୀ ଏବଂ ବେସାମରିକ ପ୍ରତିରକ୍ଷା ପଦକ ଗୁଡିକୁ ସାଧାରଣତନ୍ତ୍ର ଦିବସ-2008 ରେ ପ୍ରଦାନ କରାଯାଇଛି ।

ଖୋର୍ଦ୍ଧା ଜିଲ୍ଲାର ଜଣେ ଗୃହରକ୍ଷୀ ଓ ଯାଜପୁର ଜିଲ୍ଲାର ଜଣେ ଗୃହରକ୍ଷୀ ପାଞ୍ଚ ନମ୍ବର ଜାତୀୟ ରାଜପଥରେ ଯାନବାହନ ନିୟନ୍ତ୍ରଣ କର୍ତ୍ତବ୍ୟ ସମ୍ପାଦନ କରୁଥିବା ବେଳେ ମୋଟର ଦୁର୍ଘଟଣାରେ ମୃତ୍ୟୁ ବରଣ କରିଥିଲେ । ପ୍ରତ୍ୟେକ ମୃତକଙ୍କର ପରିବାରକୁ ଦେଢ ଲକ୍ଷ ଟଙ୍କା ଲେଖାଏଁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ମଞ୍ଜୁର କରାଯାଉଛି ।

# ଚତୁର୍ଥ ଅଧ୍ୟାୟ

## 4. ଅଗ୍ନିଶମ ସେବା :

ଓଡିଶା ଅଗ୍ନିଶମ ସେବା ସଂସ୍ଥା ଏକ ଲୋକୋପଯୋଗୀ ସେବା ସଂସ୍ଥା । ଏହି ସଂସ୍ଥା ଧନ ଓ ଜୀବନକୁ ଅଗ୍ନି କବଳରୁ ରକ୍ଷା କରୁଛି । ଅଗ୍ନିଶମ ସେବା କର୍ମଚାରୀମାନଙ୍କୁ ଦୁର୍ବିପାକ ସମୟରେ ସହାୟତା ପ୍ରଦାନ ପାଇଁ ନିୟୋଜିତ କରାଯାଇଥାଏ । ରାଜ୍ୟରେ 153 ଗୋଟି ଦମକଳ କେନ୍ଦ୍ର କାର୍ଯ୍ୟ କରୁଛି ।

2007-08 ବର୍ଷରେ 5724 ଗୋଟି ଅଗ୍ନିଶମ ସେବା ଡାକରା ଓ 3743 ଗୋଟି ସ୍ୱତନ୍ତ୍ର ସେବା ଡାକରା ଅଗ୍ନିଶମ ସେବା ସଂସ୍ଥା ଦ୍ୱାରା ସୂଚାରୁରୂପେ ସମ୍ପାଦନ କରାଯାଇ 332 ମନୁଷ୍ୟ ଜୀବନ ଏବଂ 168 ପଶୁ ଜୀବନ ବଞ୍ଚାଇବା ସହ 68,17,35,682 ଟଙ୍କାର ସମ୍ପତ୍ତି ଉଦ୍ଧାର କରାଯାଇଥିଲା । ଅଗ୍ନିଶମ ସେବା କର୍ମଚାରୀମାନେ ବିଭିନ୍ନ ମେଳା, ମହୋତ୍ସବରେ ଅଗ୍ନି ସୁରକ୍ଷା ଦାୟିତ୍ୱ ସମ୍ପାଦନ କରିଥାନ୍ତି । ଏହି କର୍ମଚାରୀମାନେ ମଧ୍ୟ ଅତି ବିଶିଷ୍ଟ ଓ ବିଶିଷ୍ଟ ବ୍ୟକ୍ତିମାନଙ୍କ ଗସ୍ତ ସମୟରେ ଅଗ୍ନି ସୁରକ୍ଷା କାର୍ଯ୍ୟ ସମ୍ପାଦନ କରିଥାନ୍ତି ।

2007-08 ବର୍ଷରେ ଗୋଟିଏ ଦମକଳ କେନ୍ଦ୍ର ଗୃହ ଏବଂ 15 ଗୋଟି କର୍ମଚାରୀ ବାସଗୃହ ନିର୍ମାଣ କରାଯାଇଅଛି ଏବଂ 27 ଗୋଟି ଦମକଳ କେନ୍ଦ୍ର ଗୃହ ଏବଂ 24 ଗୋଟି କର୍ମଚାରୀ ବାସଗୃହ ନିର୍ମାଣ କାର୍ଯ୍ୟ ସମାପନ କରିବା ନିମନ୍ତେ ପଦକ୍ଷେପ ନିଆଯାଉଅଛି ।

28 ଜଣ ଅଗ୍ନିଶମ ସେବା ଅଧିକାରୀ ଓ କର୍ମଚାରୀଙ୍କୁ ଅଗ୍ନିଶମ ସାହସିକତା ପଦକ, ବିଶିଷ୍ଟ ଅଗ୍ନିଶମ ସେବା ପଦକ ଓ ଅଗ୍ନିଶମ ସେବା ପଦକ ପ୍ରଦାନ କରାଯାଇଛି । ଚଳିତ ଆର୍ଥିକ ବର୍ଷରେ ସରକାରୀ ରାଜସ୍ୱ ବାବଦରେ 14,98,890 ଟଙ୍କା ଆଦାୟ କରାଯାଇଛି ।

ଅଗ୍ନିଶମ ସେବା ସଂସ୍ଥା ନିବାରଣ ଶାଖା ପକ୍ଷରୁ 25 ଗୋଟି ଉଚ୍ଚ କୋଠାଘର, ଗୋଟିଏ କାରଖାନା, 20 ଗୋଟି ଚଳଚ୍ଚିତ୍ର ପ୍ରେକ୍ଷାଳୟ, 631 ଗୋଟି ବିସ୍ଫୋରକ ୟୁନିଟ୍, 2 ଗୋଟି ଏଲ୍.ପି.ଜି. ବଟ୍‌ଲିଂ ପ୍ଲାଣ୍ଟ, 335 ଗୋଟି ଅସ୍ଥାୟୀ ନିର୍ମାଣ ଏବଂ 349 ଗୋଟି ଅଗ୍ନି ନିର୍ବାପକକୁ ଯାଞ୍ଚ କରାଯାଇଅଛି ।

# ପଞ୍ଚମ ଅଧ୍ୟାୟ

## 5. ବେସାମରିକ ପ୍ରତିରକ୍ଷା :

ଯୁଦ୍ଧ ଏବଂ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ସାଧାରଣ ଜନତାକୁ ଆବଶ୍ୟକୀୟ ସାହାଯ୍ୟ ଯୋଗାଇବା ଉଦ୍ଦେଶ୍ୟରେ ବେସାମରିକ ପ୍ରତିରକ୍ଷା ସଂଗଠନ ଗଠନ କରାଯାଇଛି । ବେସାମରିକ ପ୍ରତିରକ୍ଷା ସଂସ୍ଥାର ବାସ୍ତବ ଉଦ୍ଦେଶ୍ୟ ହେଲା (୧) ଜୀବନ ରକ୍ଷା କରିବା (୨) ଧନ ସମ୍ପତ୍ତି ରକ୍ଷା କରିବା (୩) ଉତ୍ପାଦନ ଚାଲୁ ରଖିବା (୪) ଯୁଦ୍ଧ ସମୟରେ ସାଧାରଣ ଜନତାଙ୍କ ନୈତିକ ମନୋବଳ ବୃଦ୍ଧି କରିବା ।

ଓଡିଶାର ଭୁବନେଶ୍ୱର, ରାଉରକେଲା, ପାରାଦ୍ୱୀପ, କୋରାପୁଟ ଓ ତାଳଚେର ଠାରେ ବେସାମରିକ ପ୍ରତିରକ୍ଷା କେନ୍ଦ୍ର ଅବସ୍ଥିତ । 814 ଜଣ ବେସାମରିକ ପ୍ରତିରକ୍ଷା ସ୍ୱେଚ୍ଛାସେବୀଙ୍କୁ ବନ୍ୟା ଏବଂ ବାତ୍ୟା ସମୟରେ ଜୀବନ ବଞ୍ଚାଇବା ସଂକ୍ରାନ୍ତୀୟ ସ୍ୱତନ୍ତ୍ର ତାଲିମ ପ୍ରଦାନ କରାଯାଇଛି । ବେସାମରିକ ପ୍ରତିରକ୍ଷା ସ୍ୱେଚ୍ଛାସେବୀମାନେ ବିଶ୍ୱ ରେଡକ୍ରସ ଦିବସ, ଉତ୍କଳ ଦିବସ, ପଲ୍ସ ପୋଲିଓ ପ୍ରତିରୋଧକରଣ କାର୍ଯ୍ୟକ୍ରମ, ସ୍ୱାଧୀନତା ଦିବସ, ଜାତୀୟ ମ୍ୟାଲେରିଆ ନିରାକରଣ କାର୍ଯ୍ୟକ୍ରମ ଇତ୍ୟାଦି ପାଳନରେ ସାମିଲ ହୋଇଥାନ୍ତି ।

# ଷଷ୍ଠ ଅଧ୍ୟାୟ

## 6. ନ୍ୟାୟପାଳିକା:

### 6.1 ଫାଷ୍ଟଟ୍ରାକ କୋର୍ଟ

2007-08 ବର୍ଷରେ ରାଜ୍ୟରେ ଥିବା ୩୩ ଗୋଟି ଫାଷ୍ଟ ଟ୍ରାକ କୋର୍ଟକୁ ଚାଲୁ ରଖିବା ପାଇଁ କେନ୍ଦ୍ର ସରକାର 158.40 ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି । ସମସ୍ତ ଅର୍ଥ ବ୍ୟୟ କରିବା ପାଇଁ ବଜେଟ୍‌ରେ ବ୍ୟବସ୍ଥା କରାଯାଇଛି । ଏହି ଅର୍ଥର ବିନିଯୋଗ ପ୍ରମାଣପତ୍ର କେନ୍ଦ୍ର ସରକାରଙ୍କୁ 2007-08 ମାର୍ଚ୍ଚ ସୁଦ୍ଧା ପ୍ରଦାନ କରାଯିବ । ଫଇସଲା ନ ହୋଇ ପଡିରହିଥିବା ମୋକଦ୍ଦମା ଗୁଡିକ ଫଇସଲା କରିବାରେ ରାଜ୍ୟରେ ଥିବା ଫାଷ୍ଟଟ୍ରାକ କୋର୍ଟଗୁଡିକର କାର୍ଯ୍ୟଦକ୍ଷତା ଖୁବ ପ୍ରଶଂସନୀୟ ।

### 6.2 ନୂତନ କୋର୍ଟ ପ୍ରତିଷ୍ଠା

2007-08 ବର୍ଷରେ ଚଣ୍ଡିଖୋଲଠାରେ ଏକ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟଙ୍କ ଅଦାଲତ ପ୍ରତିଷ୍ଠା କରାଯାଇଛି ।

### 6.3 ଭିତ୍ତିଭୂମି ଯୋଗାଣ

ନ୍ୟାୟପ୍ରଦାନର ସୁବିଧା ନିମନ୍ତେ ନ୍ୟାୟପାଳିକାକୁ ପର୍ଯ୍ୟାପ୍ତ ଭିତ୍ତିଭୂମି ଯୋଗାଣର ନିଷ୍ପତ୍ତି ନିଆଯାଇଛି । ଏଥି ନିମନ୍ତେ ମୋଟ 336.30 ଲକ୍ଷ ଟଙ୍କା ବ୍ୟୟରେ ବାଲେଶ୍ୱର, ବରଗଡ, ରାଇରଙ୍ଗପୁର, ନିମାପଡା ଏବଂ ଝାରସୁଗୁଡାରେ ନ୍ୟାୟାଳୟ ଗୁଡିକର ଅସମ୍ପୂର୍ଣ୍ଣ କୋଠାବାଡି ଗୁଡିକୁ ସମ୍ପୂର୍ଣ୍ଣ କରିବାପାଇଁ ନିଷ୍ପତ୍ତି ନିଆଯାଇଛି । ବଜେଟ୍ ପାଣ୍ଠିର ସାରଭାଗ ପୁରୁଣା ନ୍ୟାୟାଳୟ କୋଠାବାଡିର ମରାମତି, ବାସଗୃହର ମରାମତି ସହିତ ଉଚ୍ଚ ନ୍ୟାୟାଳୟ କୋଠା ସମ୍ପ୍ରସାରଣ କାର୍ଯ୍ୟ ନିମନ୍ତେ ଚିହ୍ନିତ କରାଯାଇଛି ।

# ସପ୍ତମ ଅଧ୍ୟାୟ

## 7. ନିର୍ବାଚନ :

### 7.1 ରାଷ୍ଟ୍ରପତି ନିର୍ବାଚନ, 2007

ଭାରତର ନିର୍ବାଚନ ଆୟୋଗଙ୍କ ବିଜ୍ଞପ୍ତି ଅନୁଯାୟୀ, ରାଷ୍ଟ୍ରପତି ନିର୍ବାଚନ ତା.19.07.2007 ରିଖରେ ସୁଚାରୁରୂପେ ଆମ ରାଜ୍ୟରେ ପରିଚାଳିତ ହୋଇଥିଲା ।

### 7.2 ଭୋଟର ଫଟୋ ଉଠା କାର୍ଯ୍ୟକ୍ରମ-2007।

ଭୋଟର ଫଟୋ ପରିଚୟ ପତ୍ର ପାଇନଥିବା ଭୋଟରମାନଙ୍କୁ ପରିଚୟ ପତ୍ର ଯୋଗାଇ ଦେବା ପାଇଁ 2007-2008 ମସିହାରେ ଦୁଇଟି ପର୍ଯ୍ୟାୟରେ ଫଟୋ ଉଠା କାର୍ଯ୍ୟକ୍ରମ କରାଯାଇଥିଲା । ପ୍ରଥମ ପର୍ଯ୍ୟାୟ କାର୍ଯ୍ୟକ୍ରମରେ 64ଟି ବିଧାନସଭା ନିର୍ବାଚନ ମଣ୍ଡଳୀରେ 2007 ଏପ୍ରିଲ-ମେ ମାସରେ ମୋଟ 835872ଟି ଭୋଟର ଫଟୋ ପରିଚୟ ପତ୍ର ପ୍ରସ୍ତୁତ କରାଯାଇଥିଲା ।

ସେହିପରି ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟକ୍ରମରେ ଅବଶିଷ୍ଟ 83ଟି ବିଧାନସଭା ନିର୍ବାଚନ ମଣ୍ଡଳୀରେ ମୋଟ 1285906ଟି ଭୋଟର ଫଟୋ ପରିଚୟ ପତ୍ର ପ୍ରସ୍ତୁତ କରାଯାଇଥିଲା ।

### 7.3 ସଂକ୍ଷିପ୍ତ ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମ, 2008।

ରାଜ୍ୟର 147ଟି ବିଧାନସଭା ନିର୍ବାଚନ ମଣ୍ଡଳୀରେ ସଂକ୍ଷିପ୍ତ ଭୋଟର ତାଲିକା 2008 କାର୍ଯ୍ୟକ୍ରମ ଅନୁଯାୟୀ ତା.21.11.2007 ରିଖ ଚିଠା ଭୋଟର ତାଲିକା ଓ 10.01.2008 ରେ ଚୂଡାନ୍ତ ଭୋଟର ତାଲିକା ପ୍ରକାଶ ପାଇଥିଲା ।

# ଅଷ୍ଟମ ଅଧ୍ୟାୟ

## 8. ଓଡିଶା କ୍ଷିପ୍ରଲିପି ଓ ମୁଦ୍ରଲିପି ଅନୁଷ୍ଠାନ, ଭୁବନେଶ୍ୱର :

ଓଡିଶା କ୍ଷିପ୍ରଲିପି ଓ ମୁଦ୍ରଲିପି ଅନୁଷ୍ଠାନ, ଭୁବନେଶ୍ୱର, ଅଣକର୍ମଚାରୀ ଓ ସରକାରୀ କର୍ମଚାରୀ ଯଥା- କ୍ଷିପ୍ରଲେଖକ, ମୁଦ୍ରଲେଖକ ଓ କିରାଣୀମାନଙ୍କୁ ଓଡିଆ-ଇଂରାଜୀ ଭାଷାରେ କ୍ଷିପ୍ରଲିପି-ମୁଦ୍ରଲିପି ତାଲିମ ପ୍ରଦାନ କରିଥାଏ ।

2007-08 ଆର୍ଥିକ ବର୍ଷରେ ଉକ୍ତ ଅନୁଷ୍ଠାନ ମୋଟ 11 ଜଣ ସରକାରୀ କର୍ମଚାରୀ (କ୍ଷିପ୍ରଲେଖକ, ମୁଦ୍ରଲେଖକ ଓ କିରାଣୀ)ଙ୍କୁ ତାଲିମ ପ୍ରଦାନ କରିଅଛି ।

ଉକ୍ତ ବର୍ଷ ଏହି ଅନୁଷ୍ଠାନ 80 ଜଣ ଅଣକର୍ମଚାରୀ ତଫସିଲଭୁକ୍ତ ଜାତି ଓ ଉପଜାତି, ସ୍ନାତକ ଯୋଗ୍ୟଧାରୀଙ୍କୁ ଇଂରାଜୀ କ୍ଷିପ୍ରଲିପି ଓ ମୁଦ୍ରଲିପିରେ ପ୍ରଶିକ୍ଷଣ ପ୍ରଦାନ କରିଅଛି ।

ଏତଦ୍ ବ୍ୟତୀତ ଏହି ଅନୁଷ୍ଠାନରେ 97(ସତାନବେ)ଜଣ ଓଡିଶା ପ୍ରଶାସନିକ ସେବାଅଧିକାରୀଙ୍କୁ ଇଂରାଜୀ ମୁଦ୍ରଲିପି ତାଲିମ ପ୍ରଦାନ କରିଅଛି ।

# ନବମ ଅଧ୍ୟାୟ

**9. ରାଜ୍ୟ ସୈନିକ ବୋର୍ଡ :**

ରାଜ୍ୟର ପୂର୍ବତନ ସାମରିକ କର୍ମଚାରୀ, ଅକ୍ଷମ ପୂର୍ବତନ ସାମରିକ କର୍ମଚାରୀ, ମୃତ ସାମରିକ କର୍ମଚାରୀମାନଙ୍କ ପରିବାର ଓ ସେବାରତ ସାମରିକ କର୍ମଚାରୀମାନଙ୍କ ପରିବାରର କଲ୍ୟାଣ ଓ ପୁର୍ନବସତି ପ୍ରୋତ୍ସାହନ ନିମନ୍ତେ ଓଡିଶା ରାଜ୍ୟ ସୈନିକ ବୋର୍ଡ ପ୍ରତିଷ୍ଠା କରାଯାଇଛି । ରାଜ୍ୟ ସୈନିକ ବୋର୍ଡ ଅଧୀନରେ ୬ଟି ଜିଲ୍ଲା ସୈନିକ ବୋର୍ଡ, କଟକ, ଡେଙ୍କାନାଳ, ବାଲେଶ୍ୱର, ବ୍ରହ୍ମପୁର, ସମ୍ବଲପୁର ଓ କଳାହାଣ୍ଡିରେ କାର୍ଯ୍ୟ କରୁଛି । ରାଜ୍ୟ ସରକାର ସୈନିକ ଭବନ ନିର୍ମାଣ ନିମନ୍ତେ ଜୟଦେବ ନଗର, ଭୁବନେଶ୍ୱରଠାରେ ଜମି ପ୍ରଦାନ କରିଅଛନ୍ତି ।

2007-08 ଆର୍ଥିକ ବର୍ଷରେ ସୈନିକ ବୋର୍ଡ କାର୍ଯ୍ୟକ୍ରମର ବିବରଣୀ ନିମ୍ନରେ ପ୍ରଦାନ କରାଗଲା ।

**9.1 ଦ୍ୱିତୀୟ ବିଶ୍ୱଯୁଦ୍ଧ ପ୍ରବୀଣ ପେନ୍‌ସନ୍**

76 ଜଣ ଦ୍ୱିତୀୟ ବିଶ୍ୱଯୁଦ୍ଧ ପ୍ରବୀଣ-ବିଧବା ପତ୍ନୀଙ୍କୁ ମାସିକ 5 ଶହ ଟଙ୍କା ହାରରେ ମୋଟ 3 ଲକ୍ଷ 71 ହଜାର 7 ଶହ 42 ଟଙ୍କା ବିତରଣ କରାଯାଇଛି । ଏହି ପେନ୍‌ସନ୍ 5 ଶହ ଟଙ୍କାରୁ 1 ହଜାର ଟଙ୍କାକୁ ବର୍ଦ୍ଧିତ କରିବା ନିମନ୍ତେ ପଞ୍ଚମ ରାଜ୍ୟ ସୈନିକ ବୋର୍ଡ ବୈଠକରେ ସ୍ଥିର କରାଯାଇଅଛି ।

**9.2 ପୂର୍ବତନ ସାମରିକ କର୍ମଚାରୀମାନଙ୍କୁ ସରକାରୀ ପତିତ ଜମି ଆବଣ୍ଟନ**

224 ଜଣ ଭୂମିହୀନ ଭୂତପୂର୍ବ ହାବିଲଦାର ବା ତାହାଠାରୁ ନିମ୍ନ ସୈନିକମାନଙ୍କୁ 1 ଏକର ଲେଖାଁଏ ସରକାରୀ ପତିତ ଜମି ଚାଷ କରିବା ପାଇଁ ନିଜ ନିଜ ଗ୍ରାମରେ ଆବଣ୍ଟନ କରିବା ନିମନ୍ତେ ଯୋଗ୍ୟତା ପ୍ରମାଣପତ୍ର ଯୋଗାଇ ଦିଆଯାଇଛି ।

**9.3 ପୂର୍ବତନ ସାମରିକ କର୍ମଚାରୀମାନଙ୍କୁ ନିଯୁକ୍ତି ସହାୟତା**

69 ଜଣ ପୂର୍ବତନ ସାମରିକ କର୍ମଚାରୀଙ୍କୁ ବିଭିନ୍ନ ପବ୍ଲିକ୍ ସେକ୍ଟର ବ୍ୟାଙ୍କ, କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ଦପ୍ତରରେ ନିଯୁକ୍ତି ପାଇଛନ୍ତି । ଅଧିକ ସଂଖ୍ୟକ ପୂର୍ବତନ ସାମରିକ କର୍ମଚାରୀମାନଙ୍କୁ ରାଜ୍ୟ ସରକାର ଓ ଅନ୍ୟାନ୍ୟ ସଂସ୍ଥାମାନଙ୍କରେ ନିଯୁକ୍ତି ପାଇଁ ପଦକ୍ଷେପ ନିଆଯାଉଅଛି । ପୂର୍ବତନ ସାମରିକ କର୍ମଚାରୀମାନଙ୍କର କଲ୍ୟାଣ ଓ ପୁର୍ନବସତି ନିମନ୍ତେ ମାନ୍ୟବର ମୁଖ୍ୟମନ୍ତ୍ରୀ, ଓଡିଶା ରାଜ୍ୟ ସରକାରଙ୍କ

ବଜେଟ୍‌ରୁ ୧କୋଟି ଟଙ୍କା ରାଜ୍ୟ ସୈନିକ ବୋର୍ଡର ମିଳିତ ପାଣ୍ଠିକୁ (Amalgated Fund) ଅନୁରୂପ ଅନୁଦାନ ଆକାରରେ ପ୍ରଦାନ କରିବାକୁ ସମ୍ମତି ପ୍ରକାଶ କରିଅଛନ୍ତି ।

## 9.4 କେନ୍ଦ୍ରୀୟ ସୈନିକ ବୋର୍ଡ, ନୂଆ ଦିଲ୍ଲୀରୁ ଆର୍ଥିକ ସହାୟତା

| ବିଷୟ | ଅନ୍ତର୍ଭୁକ୍ତ ସଂଖ୍ୟା | ଟଙ୍କାର ପରିମାଣ |
|---|---|---|
| କନ୍ୟା ବିବାହ ସହାୟତା | 40 | 3,20,000/- |
| ଗୃହ ମରାମତି ସହାୟତା | 9 | 90,000/- |
| ଦୁଃସ୍ଥ ଓ ଅସହାୟ ସହାୟତା | 6 | 1,62,000/- |
| ଶିକ୍ଷା ସହାୟତା | 6 | 28,800/- |
| ଡାକ୍ତରୀ ଚିକିତ୍ସା | 5 | 40,000/- |
| ଆର୍ଥିକ (Ex-Gratia) ସହାୟତା | 4 | 60,000/- |

## 9.5 ରାଜ୍ୟ ସୈନିକ ବୋର୍ଡ, ଓଡିଶାର ଆର୍ଥିକ ସହାୟତା

| ବିଷୟ | ଅନ୍ତର୍ଭୁକ୍ତ ସଂଖ୍ୟା | ଟଙ୍କାର ପରିମାଣ |
|---|---|---|
| ପୂର୍ବତନ ସାମରିକ କର୍ମଚାରୀଙ୍କ ସନ୍ତାନ ନିମନ୍ତେ ମେଧା ଛାତ୍ରବୃତ୍ତି ସହାୟତା | 106 | 2,36,200/- |
| ପୂର୍ବତନ ସାମରିକ କର୍ମଚାରୀ / ବିଧବାଙ୍କ ନିମନ୍ତେ ଦୁଃସ୍ଥ ଓ ଅସହାୟ ସହାୟତା | 16 | 19,300/- |
| ଅନ୍ତ୍ୟେଷ୍ଟି କ୍ରିୟା ସହାୟତା | 141 | 2,82,000/- |
| ପୂର୍ବତନ ସାମରିକ ଅନ୍ଧ କର୍ମଚାରୀଙ୍କୁ ସହାୟତା | 2 | 2,000/- |
| ଆରୋଗ୍ୟ ନିମନ୍ତେ ସହାୟତା | 1 | 5,300/- |
| ରିଲିଫ୍ ସହାୟତା | 1 | 1,000/- |

## 9.6 ସାମରିକ ବଳ ପତାକା ଦିବସ, 2006

7 ଡିସେମ୍ବର, 2006 ସାମରିକ ବଳ ପତାକା ଦିବସ ସମାରୋହ ମଧ୍ୟରେ ୭ ଲକ୍ଷ ଟୋକନ୍ ପତାକା ଓ ୪ ହଜାର କାର୍ ପତାକା କେନ୍ଦ୍ରୀୟ ସୈନିକ ବୋର୍ଡ ନୂଆଦିଲ୍ଲୀରୁ ସଂଗୃହୀତ ହୋଇ ବିଭିନ୍ନ ସରକାରୀ ବିଭାଗ, ଅଣ ସରକାରୀ ସଂସ୍ଥା ଓ ଅନ୍ୟ ଏଜେନ୍‌ସିମାନଙ୍କୁ ବିତରଣ କରାଯାଇଛି । ଟୋକନ୍ ଓ କାର୍ ପତାକା ବିକ୍ରୟ ବାବଦରେ 5 ଲକ୍ଷ 65 ହଜାର ୨ ଶହ 48 ଟଙ୍କା ପ୍ରାପ୍ତ ହୋଇଅଛି ।

# ଦଶମ ଅଧ୍ୟାୟ

## 10.1 ରାଜ୍ୟ ଅତିଥି ଭବନ :

ଭୁବନେଶ୍ୱରରେ ଅବସ୍ଥିତ ରାଜ୍ୟ ଅତିଥି ଭବନରେ ଗୋଟିଏ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ପ୍ରକୋଷ୍ଠ ଏବଂ ଦୁଇଟି ଗୁରୁତ୍ୱପୂର୍ଣ୍ଣ ପ୍ରକୋଷ୍ଠ ସହିତ ମୋଟ 57ଟି ପ୍ରକୋଷ୍ଠ ରହିଛି । ଏହାର ବାର୍ଷିକ 20,705ଟି ଅତିଥି ଦିବସର କ୍ଷମତା ରହିଛି । ଗତ 2006-07 ଆର୍ଥିକ ବର୍ଷରେ ରାଜ୍ୟ ଅତିଥି ଭବନର ବକେୟା ରାଜସ୍ୱ ଟ.1,12,000- ( ଏକ ଲକ୍ଷ ବାର ହଜାର ଟଙ୍କା) କୁ ମିଶାଇ ମୋଟ୍‌ରେ 32,35,974-(ବତିଶ ଲକ୍ଷ ପଞ୍ଚ ତିରିଶ ହଜାର ନଅଶହ ଚଉସ୍ତରୀ ) ରାଜସ୍ୱ ଆଦାୟ କରାଯାଇଛି ।

## 10.2 ଓଡିଶା ଭବନ/ ନିବାସ, ନୂଆଦିଲ୍ଲୀ :

ଦିଲ୍ଲୀରେ ଅବସ୍ଥିତ ଓଡିଶା ସରକାରଙ୍କର ସମସ୍ତ କାର୍ଯ୍ୟାଳୟ, ସରକାରୀ ସଂସ୍ଥା ଓ ସରକାରୀ ଶିଳ୍ପୋଦ୍ୟୋଗ ଆବାସିକ କମିଶନରଙ୍କ କାର୍ଯ୍ୟାଳୟରେ ସମନ୍ୱିତ ହୋଇଅଛି । ଏହି ସମନ୍ୱିତ କାର୍ଯ୍ୟାଳୟ ପ୍ରତିଷ୍ଠା ହେବା ଫଳରେ ଆର୍ଥିକ ସୁବିନିଯୋଗ, ଉତ୍ତମ ସମନ୍ୱୟ ପ୍ରତିଷ୍ଠା, ଦାୟିତ୍ୱବୋଧ ବୃଦ୍ଧି ପାଇବା ସଙ୍ଗେ ସଙ୍ଗେ ଦିଲ୍ଲୀରେ ଓଡିଶାର ଭାବମୂର୍ତ୍ତି ପରିସ୍ଫୁଟ ହୋଇପାରିଛି ।

## 10.3 ସମନ୍ୱିତ କାର୍ଯ୍ୟାଳୟ ଅନ୍ତର୍ଭୁକ୍ତ କେତେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକଳାପ:

ଉତ୍ତରାଖଣ୍ଡ ରାଜ୍ୟର ଚାମୋଲି ଜିଲ୍ଲାରେ ବିଷ୍ଣୁପ୍ରୟାଗଠାରେ ଅବସ୍ଥିତ ବଦ୍ରିଧାମରୁ ଗତ 11.10.2007 ରିଖରେ ତୀର୍ଥଯାତ୍ରୀମାନେ ଫେରୁଥିବା ସମୟରେ ଯେଉଁ ସଡକ ଦୁର୍ଘଟଣା ଘଟିଲା, ସେଥିରେ ଆହତ ହୋଇଥିବା ଯାତ୍ରୀମାନଙ୍କୁ ସୁରକ୍ଷା ଦେବା ସକାଶେ ଉତ୍ତରଖଣ୍ଡ ରାଜ୍ୟ ସରକାରଙ୍କ ସହିତ ସମନ୍ୱୟ ସ୍ଥାପନ କରି ବିହିତ କର୍ମାନୁଷ୍ଠାନ ସମ୍ପାଦନ କରାଯାଇଥିଲା । ଆହତମାନଙ୍କୁ ଉପଯୁକ୍ତ ଚିକିତ୍ସା ଯୋଗାଇଦେବା ସଙ୍ଗେ ସଙ୍ଗେ ଦୁର୍ଘଟଣାରେ ମୃତ ଯାତ୍ରୀମାନଙ୍କ ଶବଦାହ ବ୍ୟବସ୍ଥା ହରିଦ୍ୱାରଠାରେ କରାଯାଇଥିଲା ।

ପ୍ରସ୍ତାବିତ ଓଡିଶା ସମନ୍ୱିତ ଜଳସେଚିତ କୃଷି ଓ ଜଳସମ୍ପଦ ପରିଚାଳନା ପ୍ରକଳ୍ପର ଅନୁମୋଦନ କାର୍ଯ୍ୟକୁ ଯୋଜନା ଆୟୋଗରେ ତ୍ୱାରାନ୍ୱିତ କରାଯାଇଛି । ଫଳସ୍ୱରୂପ ଯୋଜନା ଆୟୋଗଙ୍କ ଦ୍ୱାରା 1251 କୋଟି 20 ଲକ୍ଷ ଟଙ୍କା ଅନୁମୋଦନ କରାଯାଇଛି ।

2007-08 ଆର୍ଥିକ ବର୍ଷ ସକାଶେ ଏ.ଆଇ.ବି.ପି. ଅଧୀନରେ କେନ୍ଦ୍ରୀୟ ସହାୟତାର ସର୍ବୋଚ୍ଚ ସୀମା 390 କୋଟି ଟଙ୍କାରୁ ୨୦୦ କୋଟି ( ନଅଶହ କୋଟି) ଟଙ୍କା କୁ ବୃଦ୍ଧି କରାଯାଇଛି ।

ଆଇ.ଆଇ.ଟି.ଏଫ. - 2007ଙ୍କ ଦ୍ୱାରା ପ୍ରଯୋଜିତ ଦକ୍ଷିଣ ଏସୀୟ ପର୍ଯ୍ୟଟକ ଏବଂ ଯାତ୍ରା ବିନିମୟ (SATTE) ତଥା ଭାରତୀୟ ଗସ୍ତ ଚାଳକ ସମ୍ମିଳନୀ (IATO) ରେ ଓଡିଶା ତରଫରୁ ସକ୍ରିୟ ଅଂଶ ଗ୍ରହଣ କରାଯାଇଛି ।

ରାଜ୍ୟ ପର୍ଯ୍ୟଟନର ବିକାଶ ସକାଶେ ପର୍ଯ୍ୟଟନ ପ୍ରତିନିଧିମାନଙ୍କୁ ଶାନ୍ତିପ୍ରିୟ ଏସୀୟ ଯାତ୍ରା ସଂଘ (PATA) ବାଲିରେ ଥିବା ଯାତ୍ରା ବଜାର ଏବଂ ଲଣ୍ଡନର ବିଶ୍ୱ ପର୍ଯ୍ୟଟନ ବାଣିଜ୍ୟ ବଜାରକୁ ପଠାଇବାର ସୁବନ୍ଦୋବସ୍ତ କରାଯାଇଛି ।

ପ୍ରଗତି ମଇଦାନଠାରେ ଅନୁଷ୍ଠିତ ବିଶ୍ୱ ବାଣିଜ୍ୟ ପ୍ରଦର୍ଶନୀରେ ରାଜ୍ୟ ସରକାରଙ୍କର ବିଭିନ୍ନ ବିଭାଗର ସହଯୋଗରେ ଓଡିଶୀ ଦ୍ରବ୍ୟର ପ୍ରଦର୍ଶନୀ ତଥା ବିକ୍ରୟ ନିମନ୍ତେ ଏକ ସୁସଜ୍ଜିତ ମଣ୍ଡପ କରାଯାଇଥିଲା । ଏଥିରେ ଓଡିଶା ଦିବସକୁ ଅତ୍ୟନ୍ତ ଚିତ୍ତାକର୍ଷକ ଭାବେ ପାଳନ କରାଯାଇଥିଲା ।

ରାଜ୍ୟ ସରକାରଙ୍କର ବିଭିନ୍ନ ବିଭାଗରୁ ସଂକ୍ଷିପ୍ତ ଲିଖନକୁ ଗ୍ରହଣ କରାଯାଇ ତାର ଏକ ସଙ୍କଳନ ସାଂସଦମାନଙ୍କ ନିକଟକୁ ପଠାଯାଇ ଉପଯୁକ୍ତ ସ୍ତରରେ ତାର ପରିପ୍ରକାଶ କରାଯିବା ସକାଶେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି ।

ଭାରତ ସରକାରଙ୍କର ବିଭିନ୍ନ ମନ୍ତ୍ରଣାଳୟ ଓ ସରାକରୀ ସଂସ୍ଥାମାନଙ୍କ ସହିତ ସଂଯୋଗ ସ୍ଥାପନ କରିବା ସକାଶେ ଓଡିଶାର ମାନ୍ୟବର ରାଜ୍ୟପାଳ, ଓଡିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ତଥା ରାଜ୍ୟ ବିଧାନସଭାର ବିଭିନ୍ନ କମିଟିଙ୍କର ଦିଲ୍ଲୀ ପରିଦର୍ଶନକୁ ସ୍ୱାଗତ କରାଯାଇଛି ।

ଓଡିଶାରୁ ଦିଲ୍ଲୀ ପଠାଯାଇଥିବା ରୋଗୀମାନଙ୍କର ଉପଯୁକ୍ତ ଚିକିତ୍ସା ସକାଶେ ଦିଲ୍ଲୀରେ ଅବସ୍ଥିତ ବିଭିନ୍ନ ସରକାରୀ ଚିକିତ୍ସାଳୟ ସହିତ ଯୋଗସୂତ୍ର ସ୍ଥାପନ କରାଯାଇଛି ।

ଆନ୍ତର୍ଜାତିକ ମହାସଂଘବାଦ ସମ୍ମିଳନୀରେ ଆନ୍ତଃରାଜ୍ୟ ସଂହତି ପରିଷଦ ବିଭାଗ ସହିତ ସମନ୍ୱୟ ରକ୍ଷାକରାଯାଇପାରିଛି ।

**10.4 ଉତ୍କଳ ଭବନ, କୋଲକାତା :**

କୋଲକାତାରେ ଅବସ୍ଥିତ ଉତ୍କଳ ଭବନରେ ଥିବା 28ଟି ପ୍ରକୋଷ୍ଠରେ ମୋଟ ୪୫ଟି ଶଯ୍ୟା ରହିଛି । ତନ୍ମଧ୍ୟରୁ 6 (ଛଅ) ଗୋଟି ସ୍ୱତନ୍ତ୍ର ଶୀତତାପ ନିୟନ୍ତ୍ରିତ ପ୍ରକୋଷ୍ଠ, 11 (ଏଗାର)ଟି ଦୁଇଶଯ୍ୟା ବିଶିଷ୍ଟ ଶୀତତାପ ନିୟନ୍ତ୍ରିତ ପ୍ରକୋଷ୍ଠ ଓ ଦୁଇଟି ଏକ ଶଯ୍ୟା ବିଶିଷ୍ଟ ଶୀତତାପ ନିୟନ୍ତ୍ରିତ ପ୍ରକୋଷ୍ଠ ରହିଛି । ଏଠାରେ ବାର୍ଷିକ 19043 (ଉଣେଇଶି ହଜାର ତେୟାଳିଶୀ)ଟି ଅତିଥି ଦିବସ କାର୍ଯ୍ୟକାରୀ କରାଯାଇପାରିବ । ଗତ ଆର୍ଥିକ ବର୍ଷରେ ଟ.8,61,041ଙ୍କା ( ଆଠ ଲକ୍ଷ ଏକଷଠି ହଜାର ଏକ ଚାଳିଶ ଟଙ୍କା ) ରାଜସ୍ୱ ଆଦାୟ କରାଯାଇଛି ।

# ଏକାଦଶ ଅଧ୍ୟାୟ

## 11 ସାଧାରଣ ଅଭିଯୋଜନା ନିର୍ଦ୍ଦେଶାଳୟ :

ରାଜ୍ୟର ଫୌଜଦାରୀ ନ୍ୟାୟାଳୟଗୁଡିକରେ ଆଗତ ହେଉଥିବା ଅଭିଯୋଗ ଗୁଡିକୁ ପର୍ଯ୍ୟାଲୋଚନା ଓ ସୂଚାରୁରୂପେ ଉପସ୍ଥାପନା କରିବା ନିମନ୍ତେ 1982 ମସିହାରେ ସାଧାରଣ ଅଭିଯୋଜନା ନିର୍ଦ୍ଦେଶାଳୟ ସୃଷ୍ଟି କରାଯାଇଥିଲା । ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ରାଜ୍ୟରେ ଥିବା ଫୌଜଦାରୀ ଅଦାଲତଗୁଡିକର ମାମଲା ଗୁଡିକୁ ପରିଦର୍ଶନ ମାଧ୍ୟମରେ ତଦାରଖ କରି ଏବଂ ବିଭିନ୍ନ ସ୍ଥାନରେ ସରକାରୀ ଓକିଲ ଏବଂ ପୋଲିସ ଅଧିକାରୀଙ୍କ ସହିତ ଆଲୋଚନା କରି ଆଇନ ଅନୁଯାୟୀ ଉପଯୁକ୍ତ ଭାବରେ ମାମଲାଗୁଡିକୁ ଅଦାଲତରେ ଉପସ୍ଥାପନା କରି ଶୀଘ୍ର ଫଏସଲା ହେବା ପାଇଁ ଯଥାବିଧି ପଦକ୍ଷେପ ନେଇଥାନ୍ତି । ଏତଦ୍‌ବ୍ୟତୀତ ଜିଲ୍ଲା ସଦର ମହକୁମାର ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ସହିତ ଆଲୋଚନା ବେଳେ ଆଦିବାସୀ ଓ ହରିଜନ ନିର୍ଯ୍ୟାତନା ମାମଲାଗୁଡିକରେ ଉଚିତ ନ୍ୟାୟ ପ୍ରଦାନ ନିମନ୍ତେ ଆନୁସଂଗିକ ପ୍ରଣାଳୀ (Rule-4-(2) of S.C. & S.T.(POA) Rules,1995) ଅନୁସୃତ ହେବା ପାଇଁ ସୂଚନା ଦେଇଥାନ୍ତି । ଓଡିଶା ରାଜ୍ୟ ଅଭିଯୋଜନା ନିୟମାବଳୀ 1997 ଅନୁସାରେ 17 ଜଣ ସାଧାରଣ ଅଭିଯୋଜକ, 11 ଜଣ ଅତିରିକ୍ତ ସାଧାରଣ ଅଭିଯୋଜକ ଏବଂ 19 ଜଣ ସହକାରୀ ସାଧାରଣ ଅଭିଯୋଜକ ନିଯୁକ୍ତି ହୋଇଛନ୍ତି । ଏତଦ୍‌ବ୍ୟତୀତ ଚଳିତ ବର୍ଷରୁ 3 ଜଣ ସାଧାରଣ ଅଭିଯୋଜକ ସାଧାରଣ ପ୍ରଶାସନ ( ଦୁର୍ନୀତି ନିବାରଣ ) ବିଭାଗରେ ପ୍ରତିନିଧି ସ୍ୱରୂପ କାର୍ଯ୍ୟରତ ଅଛନ୍ତି । କ୍ୟାଡର ଅଭିଯୋଜକମାନଙ୍କ ଦ୍ୱାରା ପରିଚାଳିତ ମାମଲା ଗୁଡିକର ଦୋଷସିଦ୍ଧ ହାର ନିମ୍ନ ସାରଣୀରେ ପ୍ରଦାନ କରାଗଲା ।

| ନ୍ୟାୟାଳୟର ନାମ | ସମୟ | ଫଇସଲା ମାମଲାର ସଂଖ୍ୟା | ଦୋଷସିଦ୍ଧ ମାମଲା ସଂଖ୍ୟା | ଦୋଷସିଦ୍ଧ ହାର |
|---|---|---|---|---|
| (1) | (2) | (3) | (4) | (5) |
| ମାଜିଷ୍ଟ୍ରେରିଆଲ ନ୍ୟାୟାଳୟ | ଜାନୁୟାରୀ 2007ରୁ ଡିସେମ୍ବର 2007 | 2363 | 342 | 14.5% |
| ଦୌରା ନ୍ୟାୟାଳୟ | ଜାନୁୟାରୀ 2007ରୁ ଡିସେମ୍ବର 2007 | 1079 | 438 | 40.6% |
| | **ମୋଟ:** | **3442** | **780** | |

OGP--MP-(Home) 27-600 Bks-25-03-2008

- O -